# ମନୁଷ୍ୟର ହୃଦୟ ଆତ୍ମିକ ହୃଦୟ ଦର୍ପଣ

# The heart of man
# The spiritual heart mirror

ଦୃଷ୍ଟାନ୍ତ ଦ୍ୱାରା ବିବରଣ କରାଯାଇଥିବା ଦଶଟି ମାନଚିତ୍ର ।

ଦୃଷ୍ଟାନ୍ତ ସହିତ ଏହି ପୁସ୍ତକ ପ୍ରଥମ ଥର ଖ୍ରୀଷ୍ଟାବ୍ଦ ୧୭୩୨ ମସିହାରେ ଫ୍ରାନ୍ସ ଦେଶରେ ପ୍ରକାଶନ କରାଯାଇଅଛି । ଏହା ଆତ୍ମିକ ହୃଦୟ ଦର୍ପଣ କିମ୍ବା ହୃଦୟ ପୁସ୍ତକ ବୋଲି କୁହାଯାଏ । ଅନେକ ଗଭୀର ଆତ୍ମିକ ସତ୍ୟକୁ ଅବିରତ ଭାବରେ ମନୁଷ୍ୟମାନଙ୍କୁ ସମ୍ପ୍ରସାରଣ କରୁଅଛି । ସବୁ ୟୁରୋପ ଭାଷାରେ, ଅନେକ ଆଫ୍ରିକା ମହାଦେଶ ଭାଷାରେ ମଧ୍ୟ ଏହି ମୂଲ୍ୟବାନ ପୁସ୍ତକ ପ୍ରସ୍ତୁତ କରାଯାଇ, ବିଭିନ୍ନ ପ୍ରକାରର ଧର୍ମ ବିଶ୍ୱାସ ହୋଇଥିବା ମନୁଷ୍ୟମାନଙ୍କ ଦ୍ୱାରା ବହୁତ ଅତି ଆଶାରେ ପାଠ କରାଯାଉଛି ।

ପବିତ୍ର ଗ୍ରନ୍ଥରେ ପୁରାତନ ନିୟମରେ ଈଶ୍ୱରଙ୍କ ପ୍ରତିଜ୍ଞା ହେଇଥିବା ଆହୁରି ଆମ୍ଭେ ତୁମ୍ଭମାନଙ୍କୁ ଏକ ନୂତନ ହୃଦୟ ଦେବା ଓ ଆମ୍ଭେ ତୁମ୍ଭମାନଙ୍କୁ ଅନ୍ତରରେ ଏକ ନୂତନ ଆତ୍ମା ସ୍ଥାପନ କରିବା । (ଯିହିଜିକଲ ୩୬:୨୬) ବୋଲି ପଦ ନୂତନ ନିୟମରେ ଏବ୍ରୀ ୮:୧୦ ପଦରେ ସଫଳ ହେଇଥିବା ପ୍ରକାର ସଫଳ ହେଇଥିବା ପ୍ରକାର ଆମ ହୃଦୟରେ ମଧ୍ୟ ଏହିପରି ଈଶ୍ୱରଙ୍କ ସମ୍ବନ୍ଧୀୟ ଅନୁଭବ ଆମ୍ଭମାନଙ୍କ ପ୍ରତି ହେଉ ।

* ଯେ କେହି ପାପ କରେ ସେ ମଧ୍ଯ ମୋଶାଙ୍କ ବ୍ୟବସ୍ଥା ଲଙ୍ଘନ କରେ କାରଣ ମୋଶାଙ୍କ ବ୍ୟବସ୍ଥା ଲଙ୍ଘନ ହିଁ ପାପ ।

* ଆଉ ତୁମ୍ଭେମାନେ ଜାଣ ଯେ, ସେ ପାପ ବହି ନେଇଯିବା ପାଇଁ ପ୍ରକାଶିତ ହେଲେ, ଆଉ ତାହାଙ୍କଠାରେ ପାପ ନାହିଁ ।

* ଯେ କେହି ତାହାଙ୍କଠାରେ ରହେ, ସେ ପାପ କରେ ନାହିଁ, ଯେ କେହି ପାପ କରେ, ସେ ତାହାଙ୍କୁ ଦେଖିନାହିଁ, କି ଅବା ତାଙ୍କୁ ଜାଣିନାହିଁ ।

* ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରି, ଯେ ଧର୍ମାଚରଣ କରେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ?

* ଯେ କେହି ଈଶ୍ୱରଙ୍କଠାରୁ ଜାତ, ସେ ପାପ କରେ ନାହିଁ, କାରଣ ଈଶ୍ୱରଙ୍କ ବୀଜ ତାହାଠାରେ ରହେ, ଆଉ ସେ ଈଶ୍ୱରଙ୍କଠାରୁ ଜାତ ହେବାରୁ ପାପ କରି ପାରେନାହିଁ ।

* ଏଥିରେ କିଏ ଈଶ୍ୱରଙ୍କ ସନ୍ତାନ, ଏହା ପ୍ରକାଶିତ ହୁଏ? ଯେ କେହି ଧର୍ମାଚରଣ କରେନାହିଁ, କିଅବା ଆପଣା ଭାଇକୁ ପ୍ରେମ କରେନାହିଁ, ସେ ଈଶ୍ୱରଙ୍କଠାରୁ ଜାତ ନୁହେଁ ।

(ଯୋହନ ୩:୪-୧୦)

# ମନୁଷ୍ୟର ହୃଦୟ
# The heart of man
# ଈଶ୍ୱରଙ୍କ ମନ୍ଦିର କିମ୍ବା ଶୟତାନର କର୍ମଶାଳା
# The Temple of God or the workshop of Satan

ଏହି ପୁସ୍ତକ ପଢୁଥିବାବେଳେ ଏହା ତୁମ୍ଭ ହୃଦୟ ପ୍ରତିବିମ୍ବକୁ ଦେଖାଇବା ଏକ ଦର୍ପଣ ଭାବରେ ଭାବନା କର । ତୁମ୍ଭେ ଖ୍ରୀଷ୍ଟିୟାନ ହେଲେ ମଧ ବିଜାତି ହେଲେ ମଧ, ଆତ୍ମିକ ସ୍ଥିତିରୁ ପଛକୁ ଖସିଯାଇଥିବା ବ୍ୟକ୍ତି ହେଲେ ମଧ, ଈଶ୍ୱର ଯେପରି ଦେଖିପାରିବ ସେହିପରି ତୁମ୍ଭକୁ ନିଜକୁ ନିଜେ ଦେଖିପାରିବୁ । ମନୁଷ୍ୟ ଯେପରି ଦେଖେ ମାତ୍ର ସଦାପ୍ରଭୁ ସେପରି ଦେଖନ୍ତି ନାହିଁ, କାରଣ ମନୁଷ୍ୟ ବାହ୍ୟରୂପ ଦେଖେ ମାତ୍ର ସଦାପ୍ରଭୁ ଅନ୍ତଃକରଣ ଦେଖନ୍ତି, (୧) ସମୂୟେଲ ୧୬:୭) ଈଶ୍ୱର ମନୁଷ୍ୟ ମାନଙ୍କ ସମ୍ମାନ ନିମନ୍ତେ ପ୍ରତ୍ୟାଶା କରନ୍ତୁ ନାହିଁ । କାରଣ ଏହିପରି ଲୋକେ ଭଣ୍ଡ ପ୍ରେରିତ ଓ ଶଠ କାର୍ଯ୍ୟକାରୀ, ସେମାନେ ଖ୍ରୀଷ୍ଟଙ୍କ ପ୍ରେରିତମାନଙ୍କ ବେଶ ଧାରଣ କରନ୍ତି । ଆଉ ଏହା ଆଶ୍ଚର୍ଯ୍ୟ ନୁହେଁ, କାରଣ ଶୟତାନ ନିଜେ ଦିପ୍ତିମୟ ଦୂତର ବେଶ ଧାରଣ କରେ । (୨) କରିନ୍ଥିୟା ୧୧:୧୩-୧୪) ଶୟତାନ, ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ତାହାଙ୍କ ଗୌରବମୟ ସୁସମାଚାର ଆଲୋକ ଯେପରି ଏହି ପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନହୁଏ, ଏଥି ନିମନ୍ତେ ନୁହେଁ ଈଶ୍ୱରଙ୍କ ମହାପ୍ରେମକୁ, ପ୍ରଭୁ ଯୀଶୁଙ୍କ ପରିତ୍ରାଣ ସଂକଳ୍ପ ସହିତ ଯୋଡ଼ି ହେଇଥିବା ମରଣ

ଗଭୀର ବିଷୟକୁ ବୁଝି ପାରୁନାହାନ୍ତି । ପାପୀମାନେ, ଅବିଶ୍ୱାସୀମାନେ ସମସ୍ତେ ଈଶ୍ୱରଙ୍କ ଦୃଷ୍ଟିରେ ମୃତ ଓ ଅନ୍ଧ ହୋଇଅଛନ୍ତି । ଏହି ସଂସାରରେ ଭାବାନୁସାରେ ପୁଣି ଆକାଶ ମଣ୍ଡଳ ରାଜ୍ୟର ଅଧିପତି, ଅର୍ଥାତ୍ ଯେଉଁ ଆତ୍ମା ଏବେ ହେଁ ଅନାଜ୍ଞାବହ କରୁଅଛି, ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ମଧ୍ୟ ପୂର୍ବରେ ଆଚରଣ କରି ଅପରାଧ ଓ ପାପର ମୃତ ଥିଲ, (ଏଫିସ ୨:୨) ସେହିପରି ଲୋକମାନେ ଆପଣା ଆପଣା ଭୂଲକୁ ସ୍ୱୀକାର ନ କରି ସେମାନଙ୍କ ଆତ୍ମିକ ଚକ୍ଷୁ ଖୋଲାଯାଇ ନଥିବା ପର୍ଯ୍ୟନ୍ତ, ନିତ୍ୟ ଧ୍ୱଂସନୀୟତାକୁ ଇଚ୍ଛା କରିବା ଲୋକେ ଅଟନ୍ତି । ସେହିପରି ଲୋକମାନେ ଆମଠାରେ ପାପ ନାହିଁ ବୋଲି କହୁ କହୁ ଆପଣାକୁ ଆପଣା ହିଁ ପ୍ରବଞ୍ଚନା କରୁ । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ । (୧ ଯୋହନ ୩:୮)

ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଦ କର, ତାହା ହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ । (ଯାକୁବ ୪:୭, ୮)

ଏହି ପୁସ୍ତକକୁ ପଢୁ ପଢୁ ଏଥିରେ ଥିବା ଚିତ୍ରକୁ ସାବଧାନ ଭାବରେ ପରୀକ୍ଷା କରି ଦେଖିଲେ ତୁମ୍ଭ ହୃଦୟକୁ ତୁମ୍ଭେ ହିଁ ଦେଖିପାରିବ । ତୁମ୍ଭର ହୃଦୟ ସ୍ଥିତି ତୁମ୍ଭକୁ ପ୍ରକାଶ ହେବା ପାଇଁ ଈଶ୍ୱରଙ୍କ ଆଲୋକକୁ ତୁମ୍ଭଠାରେ ପ୍ରବେଶ କରିବାକୁ ଦିଅ । ଆମ୍ଭମାନଙ୍କର ପାପ ନାହିଁ ! ଏହା ଯଦି କହୁ, ତାହା ହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ, ପୁଣି ଆମ୍ଭମାନଙ୍କଠାରେ ସତ୍ୟ ନାହିଁ

ଯଦି ଆମ୍ଭେମାନେ ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି । (୧ ଯୋହନ ୧:୮,୯) ବୋଲି ଈଶ୍ୱରଙ୍କ ବାକ୍ୟ ପ୍ରକାର ତୁମ୍ଭେ ତୁମ୍ଭ ପାପ ସବୁ ଲୁଚି ରଖନାହିଁ, ସ୍ୱୀକାର କର । ‘‘ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ’’ ।

ତୁମେ ଶୟତାନ ଦ୍ୱାରା କିମ୍ବା ଈଶ୍ୱରଙ୍କ ଦ୍ୱାରା ଶାସନ କରାଯାଇଥିବା ବ୍ୟକ୍ତି ଭାବରେ ରହିବୁ । ତୁମେ ଶୟତାନକୁ କିମ୍ବା ଈଶ୍ୱରଙ୍କୁ ଦାସ ଭାବରେ ଜୀବନ ଯାପନ କରି ରହିବ । ଯଦି ତୁମ ଜୀବନ ପାପ ଦ୍ୱାରା ଶାସନ କରାଯାଉଛି ତୀକ୍ଷ୍ଣଣ ତାହାକୁ ଘୃଣା କରୁ ଈଶ୍ୱରଙ୍କୁ ପ୍ରାର୍ଥନା କର । ପାପୀମାନଙ୍କୁ ରକ୍ଷା କରିବାକୁ, ପାପର ଶକ୍ତିକୁ, ଶୟତାନର ଜ୍ଞାନକୁ ବିନାଶ କରିବାକୁ, ନର ଅବତାରି ହୋଇ ଏହି ଜଗତକୁ ଆସିଥିବା ଖ୍ରୀଷ୍ଟଯୀଶୁ ଦ୍ୱାରା ଈଶ୍ୱର ତୁମକୁ ମୋଚନ କରିବ । ପ୍ରଭୁ ଯୀଶୁ ହିଁ ଆମ ଉଦ୍ଧାରକର୍ତ୍ତା ହୋଇଅଛନ୍ତି । ପବିତ୍ର ଓ ସବୁ ରହସ୍ୟ ବିଷୟକୁ ଠିକ ଭାବରେ ପରୀକ୍ଷା କରିପାରିବା ଈଶ୍ୱରଙ୍କ ସମ୍ମୁଖରେ ତୁମେ ଅଛୁ । ସେ ତୁମ୍ଭ ଜୀବନରେ ଗୁପ୍ତ ଭାବରେ ଥିବା ଆଲୋଚନା ସବୁ, ରହସ୍ୟ କାର୍ଯ୍ୟ ସବୁ ଜାଣିପାରିବା ସମର୍ଥ ଅଟନ୍ତି । ତାହାଙ୍କ ଚକ୍ଷୁରୁ ଲୁଚିକି ରହିପାରିବ ନାହିଁ । ଚକ୍ଷୁକୁ ସୃଷ୍ଟି କରିଥିବା ଈଶ୍ୱର ଦେଖିବ ନାହିଁ କି ? କାନକୁ ସୃଷ୍ଟି କରିଥିବା ଈଶ୍ୱର ଶୁଣିବ ନାହିଁ କି ?

‘‘ସେମାନଙ୍କ ସପକ୍ଷରେ ଆପଣାକୁ ବଳବାନ ଦେଖାଇବା ପାଇଁ ତାହାଙ୍କର ଚକ୍ଷୁ ପୃଥିବୀର ସର୍ବତ୍ର ଏଣେତେଣେ ଦୌଡ଼ଇ’’ । (୨ ବଂଶାବଳୀ ୧୬:୯) ।

‘‘କାରଣ ମନୁଷ୍ୟର ମାର୍ଗ ପ୍ରତି ତାହାଙ୍କର ଦୃଷ୍ଟି ଅଛି ଓ ସେ ତାହାର ସବୁ ଗତି ଦେଖନ୍ତି । ଯେଉଁଠାରେ ଅଧର୍ମଚାରୀଗଣ ଲୁଚିପାରନ୍ତି, ଏପରି ଅନ୍ଧକାର ଓ ମୃତ୍ୟୁଚ୍ଛାୟା ନାହିଁ’’ (ଆୟୁବ ୩୪:୨୧-୨୨) କିନ୍ତୁ ଯୀଶୁ ସେମାନଙ୍କୁ ବିଶ୍ୱାସ ନକରି ସେମାନଙ୍କଠାରୁ ଆପଣଙ୍କୁ ପୃଥକ ରଖିଲେ, କାରଣ ସେ ସମସ୍ତଙ୍କୁ ଜାଣୁଥିଲେ । (ଯୋହନ ୨:୨୪) ଯାହାର ପାପ କ୍ଷମା, ଯାହାର ପାପ ଆଚ୍ଛାଦିତ ହୋଇଅଛି ସେ ଧନ୍ୟ । ସଦାପ୍ରଭୁ ଯାହା ପ୍ରତି ଅଧର୍ମର ଆରୋପ ନ କରନ୍ତି ଓ ଯାହାର ଆତ୍ମାରେ ପ୍ରବଞ୍ଚନା ନାହିଁ, ସେ ଧନ୍ୟ । (ଗୀତସଂହିତା ୩୨:୧, ୨) (୫୧ ଗୀତସଂହିତା ମଧ୍ୟ ଏହି ସମୟରେ ପାଠ କରିବା) ପ୍ରଭୁ ଯୀଶୁ ଆହୁରି ତୁମ୍ଭକୁ ଏହିପରି ଆହ୍ୱାନ କରିଛନ୍ତି । ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । (ମାଥିଉ ୧୧:୨୮-୩୦)

# ଛାୟାଚିତ୍ରର ବିବରଣ

# Explanation of the Picture

## ପ୍ରଥମ ଛାୟାଚିତ୍ର


## (The first picture)

ଏହି ଛାୟାଚିତ୍ର ଲୌକିକ ଇଚ୍ଛା ସହିତ ପରିପୂର୍ଣ୍ଣ ହୋଇ, ପୁନର୍ଜିବନ ଅନୁଭବ ନଥିବା ସ୍ତ୍ରୀ ବା ପୁରୁଷ ହୃଦୟକୁ ସୂଚନା ଭାବରେ ଅଛି । କୁଅଭିଳାଷ ସହିତ ପୂର୍ଣ୍ଣ ହୋଇ, ମନ୍ଦ ଆତ୍ମା ଦ୍ୱାରା ପାଳନ

କରାଯାଉଥିବା ପାପିର ହୃଦୟ ଏହିପରି ଭାବରେ ରହିବ ବୋଲି ବାଇବଲ ବିବରଣ କରୁଅଛି । ମଦ୍ୟପାନ କରି ମତ୍ତତାରେ ଲାଲ ହେଇଥିବା ଚକ୍ଷୁର ବ୍ୟକ୍ତିଙ୍କ ନିମନ୍ତେ ହିତୋପଦେଶ ଗ୍ରନ୍ଥ ୨୩:୨୯-୩୩ ପଦରେ ଏହିପରି ଲେଖାହେଇଅଛି । କାହାର ହାହାକାର ? କାହାର ରକ୍ତବର୍ଣ୍ଣ ଚକ୍ଷୁ ? ଦ୍ରାକ୍ଷାରସ ରଙ୍ଗୀୟା ହେଲେ ଓ ପାତ୍ରରେ ଚକମକାଇଲେ ଓ ସହଜେ ଗଳାଧଃକରଣ ହେଲେ, ତୁମ୍ଭେ ତାକୁ ଅନାଅ ନାହିଁ । ଶେଷରେ ତାହା ସର୍ପ ପରି କାମୁଡ଼େ ଓ କାଳସର୍ପ ତୁଲ୍ୟ ଦଂଶନ କରେ । ତୁମ୍ଭର ଚକ୍ଷୁ ବିପରୀତ ବିଷୟ ଦେଖିବ, ତୁମ୍ଭ ହୃଦୟ କୁଟିଳ କଥା କହିବ ।

(ହିତୋପଦେଶ ୨୩:୨୯-୩୩)

ଏହି ଛାୟାଚିତ୍ର ପାପ ମାନବ ହୃଦୟକୁ ସୂଚନା ଭାବରେ ଅଛି । ହୃଦୟ ହିଁ ସମସ୍ତ ପାପକୁ ବାସସ୍ଥାନ ଅଟେ, ଶଯ୍ୟା ଅଟେ । ଏଥିରେ ବିଭିନ୍ନ ପ୍ରକାର ଜନ୍ତୁମାନେ ମନୁଷ୍ୟ ହୃଦୟରେ ବିଭିନ୍ନ ପ୍ରକାର ପାପକୁ ସଦୃଶ୍ୟ ଅଟେ । ଈଶ୍ୱର ତାହାଙ୍କ ଭବିଷ୍ୟତ ଭକ୍ତ ଯିରିମୀୟ ଦ୍ୱାରା ଏହିପରି କହୁଛନ୍ତି । ଅନ୍ତଃକରଣ ସବୁଠାରୁ କପଟମୟ ଓ ଅପ୍ରିତୀ କାର୍ଯ୍ୟ ରୂପେ ପୀଡ଼ିତ, କିଏ ତାହା ଜାଣିପାରେ ? (ଯିରିମୀୟ ୧୭:୯)



# ୧. ପାପୀର ହୃଦୟ
# The Sinners Heart

ପ୍ରଭୁ ଯୀଶୁ ମଧ୍ୟ ମାନବ ହୃଦୟ ନିମନ୍ତେ ଏହିପରି କହିଛନ୍ତି । ‘‘କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ, ବେଶ୍ୟାଗମନ, ଦୁଷ୍ଟତା, ଶଠତା, କାମୁକତା, ଈର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୂର୍ଖତା ଏହି ସମସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ

ଅଶୁଚି କରେ । (ମାର୍କ ୭:୨୧-୨୩) ଏହି ମନ୍ଦଗୁଣ ସବୁ ଭିତରୁ ବାହାରି ମନୁଷ୍ୟକୁ ଅଶୁଚି କରେ ବୋଲି ସେ କହିଲେ'' (ମାର୍କ ୭:୨୧-୨୩)

୧) ମୟୂର (The peacock) : ମୟୂରର ସୌନ୍ଦର୍ଯ୍ୟକୁ ପ୍ରଶଂସା ନ କରିବା ଲୋକମାନେ ରହିବେ ନାହିଁ । ଏହି ଛାୟାଚିତ୍ରଠାରେ ମୟୂର ମନୁଷ୍ୟ ହୃଦୟରେ ଥିବା ''ଗର୍ବ'' ବୋଲି ପାପକୁ ସୂଚନା ଭାବରେ ଅଛି । ଗୋଟିଏ ସମୟରେ ଈଶ୍ୱରଙ୍କ ଉପସ୍ଥିତିରେ ଥିବା ପ୍ରଧାନ କିରୂବ ଭାବରେ ପ୍ରଜ୍ୱଳିତ ହେଉଥିବା ''ଲୂସିଫର'' ବୋଲି ଦେବଦୂତ ଏହି ଗର୍ବ ଯୋଗୁଁ ପତନ ହୋଇ ଈଶ୍ୱରଙ୍କୁ ବିରୁଦ୍ଧରେ ଭୂତ ଭାବରେ ବଦଳିଗଲା । (ଯିଶାଇୟ ୧୪:୯-୧୭, ଯିହିଜିକଲ ୨୮:୧୨-୧୭) ଗର୍ବ, ନର୍କ କୂପରୁ ଜନ୍ମାଏ । ଏହାର ପରିଣାମ ଅନେକ ରୀତିରେ ରହିବ । କେତେକ ଆପଣାକୁ ଥିବା ଧନ ସମ୍ପତ୍ତି ବିଷୟରେ ଗର୍ବ କରିବେ । ସେମାନେ ଉପାର୍ଜନ କରିଥିବା ଜାଗତିକ ଜ୍ଞାନକୁ, ବିଦ୍ୟାକୁ ଦେଖି ଗର୍ବ କରୁଥିବେ ମୂଲ୍ୟବାନ, ସୁନ୍ଦର ବସ୍ତ୍ରକୁ ବିଭିନ୍ନ ପ୍ରକାର ରୀତିରେ ପରିଧାନ କରି ଅହଂକାର କରିବେ ସ୍ତ୍ରୀମାନେ ସହିତ ବିଭିନ୍ନ ପ୍ରକାର ମୂଲ୍ୟବାନ ଅଳଙ୍କାର ଦ୍ୱାରା ସେମାନଙ୍କ ଶରୀରକୁ ସଜ୍ଜିତ ସେମାନଙ୍କ ସୌନ୍ଦର୍ଯ୍ୟକୁ ଲୋକମାନଙ୍କୁ ପ୍ରଦର୍ଶନ କରୁ କରୁ ଅହଙ୍କାର ମନରେ ରହିବେ । ଏହିପରି ଲୋକମାନଙ୍କ ପାଇଁ (ଯିଶାଇୟ ୩:୧୬-୨୪) ପଦରେ ବିବରଣ କରାଯାଇଛି । ଆଉ କେତେକ ସେମାନଙ୍କ ବଂଶ ବିଷୟରେ, ଉନ୍ନତ ବିଷୟରେ ସେମାନଙ୍କୁ ଥିବା ପ୍ରତିଭା ବିଷୟରେ

ଅହଙ୍କାର କରିବେ । କାରଣ ଈଶ୍ୱର ଅହଙ୍କାରୀମାନଙ୍କ ପ୍ରତିରୋଧ କରି ନମ୍ର ଲୋକମାନଙ୍କୁ ଅନୁଗ୍ରହ କରନ୍ତି । (୧ ପିତର ୫:୫) ବୋଲି ସତ୍ୟକୁ ଭୁଲିଯାଉଛନ୍ତି । ଈଶ୍ୱର ଅହଙ୍କାର ଘୃଣା କରେ । (ହିତପଦେଶ ୮:୧୩) ଅହଙ୍କାର ସର୍ବନାଶର ସମ୍ମୁଖରେ ଥାଏ, ପୁଣି ଦାମ୍ଭିକ ମନ ପତନର ସମ୍ମୁଖୀନ ଥାଏ । (ହିତପୋଦେଶ ୧୬:୧୮)

୨) ଛେଳି (The He-goat) : ଏହା କାମ, ଅଶୁଚିତା, ବ୍ୟଭିଚାର ବୋଲି ଲାଳସା ସମ୍ବନ୍ଧ ହେଇଥିବା ପାପକୁ ଚିହ୍ନ ଭାବରେ ଅଛି । ଆଜି ଦିନ ମଧ୍ୟରେ ଏହି ପାପ ଆହୁରି ଅଧିକ ଭାବରେ ବିକ୍ଷିପ୍ତ ହେଉଅଛି ବୋଲି ଜାଣିପାରୁଛୁ । ଶେଷ ଦିନ ପାଇଁ ପ୍ରଭୁ କହୁ କହୁ, ଏହି ଦିନମାନଙ୍କୁ ସଦୋମ ଗମୋରା ସଦୃଶ୍ୟ କରି କହିଲେ । କାମ ବୋଲି ଭୟଙ୍କର ପାପ ଈଶ୍ୱରଙ୍କ ଭକ୍ତି ନଥିବା ଗୃହରେ ମାତ୍ର ନୁହେଁ, ଧର୍ମ ନିଷ୍ଠା ଥିବା ଗୃହରେ ମଧ୍ୟ, ସଂସ୍ଥାର ମଧ୍ୟ ରହିବା ବାହୁତ ଦୁଃଖର ବିଷୟ ଅଟେ । ଅନେକ ଯୌବନ ଲୋକମାନେ ସିନେମା, କ୍ଲବକୁ, ମନ୍ଦ ବୋହିକୁ ଦାସ ହୋଇ ସେମାନଙ୍କ କୋମଳ ହୃଦୟକୁ ଲାଳସା ପଥକୁ ଗତି କରି ଲଜ୍ଜା ହୀନ ହୋଇଥିବା ରୀତିରେ ଆଚରଣ କରିବା ଆମେ ଜାଣିପାରିବୁ । ବ୍ୟଭିଚାର ବୋଲି ପାପକୁ ଆଜିର ଯୁବତୀମାନେ ଦାସୀ ହୋଇ ଯାଉଛନ୍ତି । ଏହାକୁ କାରଣ ସେମାନଙ୍କ ହୃଦୟରେ ଈଶ୍ୱରଙ୍କ ଭକ୍ତି ନଥିବା ହିଁ ''ଯୋଷେଫ'' ବୋଲି ଯୁବକର ଚରିତ୍ର ଆଜି ଦିନ ଯୁବକ ମାନଙ୍କୁ କେତେ ମାର୍ଗଦର୍ଶକ ହୋଇପାରିବ । ସେ ବ୍ୟଭିଚାର ପ୍ରଲୋଭନ ଆସିଲେ ମଧ୍ୟ ଈଶ୍ୱରଙ୍କ ନୀତିକୁ ପ୍ରେମ କରିଥିବା ବ୍ୟକ୍ତି

ହୋଇ ସେହି ପାପରୁ ଦୂରକୁ ପଳାଇଲା । (ଆଦି ପୁସ୍ତକ ୩୯) ମାନବ ଚରିତ୍ରରେ କେତେ ଜାତିର ଲୋକମାନେ ଏହି ଭୟଙ୍କର ପାପକୁ ଅଧିକ ଭାବରେ ଅନୁସରଣ କରି ବିନଷ୍ଟ ହେଇଥିବା ପରିସ୍ଥିତି ଆମ୍ଭେମାନେ ଦେଖିପାରୁଛୁ । ଆଜି ଦିନ ମଧ୍ୟରେ ଏହି ଦୁନିଆ ପାପରେ ପରିପୂର୍ଣ୍ଣ ହୋଇ ଈଶ୍ୱରଙ୍କ କ୍ରୋଧ ନିମନ୍ତେ ବିଚାର ନିମନ୍ତେ ଅପେକ୍ଷା କରୁଅଛି । ସେହିପରି ବିଚାର ମଧ୍ୟକୁ ନ ଆସିବା ନିମନ୍ତେ ଈଶ୍ୱର ମନୁଷ୍ୟମାନଙ୍କୁ ସତର୍କବାଣୀ କହିଛନ୍ତି । ବ୍ୟଭିଚାର ଠାରୁ ପଳାୟନ କର । ମନୁଷ୍ୟ ଅନ୍ୟ ଯେ କୌଣସି ପାପ କରେ, ତାହା ଶରୀରର ବହିର୍ଭୁତ, କିନ୍ତୁ ଯେ ବ୍ୟଭିଚାର କରେ, ସେ ଆପଣା ନିଜ ଶରୀର ବିରୁଦ୍ଧରେ ପାପ କରେ । ଅବା ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କ'ଣ ଜଣାନାହିଁ ? ଆଉ ତୁମ୍ଭେମାନେ ନିଜ ନିଜର ନୁହଁ । କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର । (୧ କରିନ୍ଥୀୟ ୬:୧୮-୨୦) ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାକୁ ନଷ୍ଟ କରିବେ, କାରଣ ଈଶ୍ୱରଙ୍କ ମନ୍ଦିର ପବିତ୍ର, ସେହି ମନ୍ଦିର ତୁମ୍ଭେମାନେ । (୧ କରିନ୍ଥୀୟ ୩:୧୭)

**୩) ଘୁଷୁରୀ** (The pig) : ଏହି ଜନ୍ତୁ ମତୁଆଲା, ପେଟୁକ ବୋଲି ପାପକୁ ସୂଚନା ଭାବରେ ଅଛି । ଏହା ବହୁତ ଘୃଣା ଯୋଗ୍ୟ ଜନ୍ତୁ । ଏହା ଉତ୍ତମ ଖାଦ୍ୟ ଦ୍ରବ୍ୟ ଖରାପ ଖାଦ୍ୟ ଦ୍ରବ୍ୟକୁ ଇଚ୍ଛାରେ ଖାଇଦିଏ । ସମସ୍ତ ଆଶୁଚିକୁ ପ୍ରେମ କରିବା

ମାନବ ହୃଦୟ ମଧ୍ୟ ଏହି ଘୁଷୁରି ସ୍ୱଭାବ ଅଟେ । ଏହି ସ୍ୱଭାବ ପାଇଥିବା ହୃଦୟ ମନ୍ଦତାକୁ ଘୃଣା ନ କରି ତାହାଠାରେ ଆନନ୍ଦ କରେ । ମନ୍ଦ ଚିନ୍ତା, ମନ୍ଦ କ୍ରିୟା, ମନ୍ଦ ପରାମର୍ଶ, ମନ୍ଦ କଥା, ମନ୍ଦ ପୁସ୍ତକ, ମନ୍ଦ ଚିତ୍ର, ସବୁ ମନ୍ଦ ହିଁ, ଈଶ୍ୱରଙ୍କୁ ବାସସ୍ଥାନ ହେଇଥିବା ଆମ ଶରୀରକୁ ଅଶୁଚି ସ୍ଥାନକୁ ଚଳାଇବା । ଅଶୁଚି ଖାଦ୍ୟ, ଧୂମପାନ କରିବା, ଇତ୍ୟାଦି ମନ୍ଦ ଅଭ୍ୟାସକୁ ଦାସ ଭାବରେ ରହିବା କେତେ ଭୟଙ୍କର ବିଷୟ ଅଟେ । ଏହିପରି ମନ୍ଦ ଅଭ୍ୟାସ ପୂର୍ବ କାଳରେ ଏତେ ନଥିଲା, ଏହି ଦିନ ମାନଙ୍କରେ ବହୁତ ଅଧିକ ହୋଇଗଲା । ଏହିପରି ଦୁର୍ନିତି ଶକ୍ତିରୁ ମନୁଷ୍ୟ ମାନଙ୍କୁ ଉଦ୍ଧାର କରିବାଟା ଈଶ୍ୱରଙ୍କ ଶକ୍ତି ହିଁ । ମନ୍ଦିର ଭିତରକୁ ଯାଇ ଧୂମପାନ କରିବାକୁ କେହି ମଧ୍ୟ ସାହସ କରିବେ ନାହିଁ । ସେହିପରି କରିବା ଭୂଲ ବୋଲି ସେମାନଙ୍କ ଭାବନା । ଈଶ୍ୱରଙ୍କ ସତ୍ୟ ମନ୍ଦିର ହେଇଥିବା ଏହି ଶରୀର ଭିତରକୁ ଏହି ଅଶୁଚି ଧୂମକୁ ପଠାଇଦେଇଅଛୁ ବୋଲି ଚିନ୍ତା ସେମାନଙ୍କୁ ନଥିବା ବହୁତ ଦୁଃଖର ବିଷୟ ଅଟେ । ତୁମ୍ଭେମାନେ କି ଜାଣ ନାହିଁ ଯେ, ତୁମ୍ଭେମାନେ ଈଶ୍ୱରଙ୍କ ମନ୍ଦିର, ଆଉ ଈଶ୍ୱରଙ୍କ ଆତ୍ମା ତୁମ୍ଭ ଅନ୍ତରରେ ବାସକରନ୍ତି । ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାକୁ ନଷ୍ଟ କରିବେ, (୧ କରିନ୍ଥୀୟ ୩:୧୬-୧୭, ୬:୧୮-୧୯) ପେଟୁକା ପରି ଜୀବନ ଯାପନ କରିବା ବ୍ୟକ୍ତି ମଧ୍ୟ ଈଶ୍ୱରଙ୍କ ଦୃଷ୍ଟିରେ ବହୁତ ଘୃଣାଯୋଗ୍ୟ । ଆମେ ବଞ୍ଚିବା ନିମନ୍ତେ ଖାଇବାର ଅଛି । କେବଳ ଖାଇବା ପାଇଁ ହିଁ ବଞ୍ଚିପାରିବ ନାହିଁ । ଭୋକକୁ ଖାଦ୍ୟ ହିଁ ସନ୍ତୁଷ୍ଟ କରିପାରିବ । ମାତ୍ର ଅଧିକ ଆଶା ସଦାବେଳେ ସନ୍ତୁଷ୍ଟ ନ ହୋଇ ଆହୁରି ଦିଅ, ଆହୁରି ଦିଅ ବୋଲି ରୋଧନ କରେ ।

ଅଧିକ ଆଶା କିମ୍ବା ଇଚ୍ଛାକୁ, ସନ୍ତୁଷ୍ଟ ରହିବ ନାହିଁ । ତାହା କେବେ ବି ସନ୍ତୁଷ୍ଟ ହେବନାହିଁ । (ପୁରାତନ ନିୟମ) ବ୍ୟବସ୍ଥାନୁସାରେର କେହି ହେଲେ ମତୁଆଲା ଭାବରେ ବା ପେଟୁକ ଭାବରେ ରହି ତାହାଙ୍କ ପିତା ମାତାଙ୍କୁ ପ୍ରତିରୋଧ କଲେ । ପଥର ପକାଇ ବଧ କରିବାର ଅଛି । (ଦ୍ୱିତୀୟ ବିବରଣ ୨୧:୧୮-୨୧) କାରଣ ମତୁଆଲା ଓ ପେଟୁକ ଦରିଦ୍ର ହେବେ, ପୁଣି ଘୁମା, ମନୁଷ୍ୟକୁ ଚିରାକନା ପିନ୍ଧାଇବା (ହିତୋପଦେଶ ୨୩:୨୧, ୨୮:୭) ପ୍ରଭୁ ଯୀଶୁ ତାହାଙ୍କ ଦୃଷ୍ଟାନ୍ତରେ କହିଥିବା ଧନୀ ଲୋକ ମତୁଆଲା, ପେଟୁକା ଆହୁରି ସକଳ ମନ୍ଦ ଇଚ୍ଛାକୁ ଦାସ ହୋଇ ମୃତ୍ୟୁବରଣ କରି ନିତ୍ୟ ନର୍କରେ ପ୍ରବେଶ କରି ତାହାଙ୍କ ଚକ୍ଷୁ ଉଠାଇ ଭୟଙ୍କର ଯନ୍ତ୍ରଣା ଅନୁଭବ କରିଥିବା ରୀତିକୁ ମନ ପକାଅ । ମତୁଆଲା ବୋଲି ଦୁଷ୍ଟ ଶକ୍ତି ମନୁଷ୍ୟକୁ ବହୁତ ଭୟଙ୍କର ସ୍ଥିତିକୁ ଚଳାଇବ । ମତୁଆଲାା ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରିବ ନାହିଁ ଈଶ୍ୱର ତାହାଙ୍କ ବାକ୍ୟ ଦ୍ୱାରା ବହୁତ ସ୍ପଷ୍ଟ ଭାବରେ ଜଣାଇଲେ । ମଦ୍ୟ ବୋଲି ବିଷୟ ଆମ ଶରୀରକୁ ବହୁତ କ୍ଷତିକାରକ ପାନୀୟ ଅଟେ । ସେତିକି ନୁହେଁ ଏହା ମସ୍ତିଷ୍କକୁ ଖରାପ କରି, ଏହି ପାନକରିବାମାନଙ୍କୁ ହୀନ ଭାବରେ କରେ । ମତୁଆଲା ବହୁତ ଅଧାର୍ମିକ ଭାବରେ ବଦଳି ଯାଇ କେତେ ଘୃଣାଯୋଗ୍ୟ କାର୍ଯ୍ୟ ହେଲେ ମଧ୍ୟ କରିବା ପାଇଁ ପଛକୁ ହେବ ନାହିଁ । ଶେଷକୁ ହତ୍ୟା କରିବାକୁ ମଧ୍ୟ ଡ଼ରିବ ନାହିଁ । ଦ୍ରାକ୍ଷାରସ ନିନ୍ଦକ ମଦ୍ୟ କଳହକାରୀ ଯେ କେହି ତଦ୍ୱାରା ଭ୍ରାନ୍ତ ହୁଏ, ସେ ଜ୍ଞାନବାନ ନୁହେଁ । (ହିତୋପଦେଶ ୨୦:୧) ଯେଉଁମାନେ ଦ୍ରାକ୍ଷାରସ ପାନ କରିବାକୁ ପରାକ୍ରମୀ ଓ ମଦ୍ୟ ମିଶ୍ରିତ କରିବାକୁ ବଳବାନ । (ଯିଶାଇୟ ୫:୨୨)

ଯେଉଁ ଜନ ଆପଣା ପ୍ରତିବାସୀର ଉଲଙ୍ଗତା ଦେଖିବା ନିମନ୍ତେ ତାହାକୁ ପାନ କରିବାକୁ ଦିଏ, ତହିଁ ସଙ୍ଗେ ଆପଣାର ବିଷ ମିଶାଇ ତାହାକୁ ମତ୍ତ କରେ, ସେ ସନ୍ତାପର ପାତ୍ର । (ହବକ୍କୂକ ୨:୧୫) ସେମାନଙ୍କ ଭୋଜିରେ ବୀଣା ଓ ନେବଲ ତବଲା ଓ ବଂଶୀ ଓ ଦ୍ରାକ୍ଷାରସ ଥାଏ । ମାତ୍ର ସେମାନେ ସଦାପ୍ରଭୁଙ୍କର କାର୍ଯ୍ୟ ନିରୀକ୍ଷଣ କରନ୍ତି ନାହିଁ କିଅବା ତାହାଙ୍କ ହସ୍ତର କର୍ମ ସେମାନେ ବିବେଚନା କରିନାହାନ୍ତି । (ଯିଶାଇୟ ୫:୧୨) ଅବା ଅଧାର୍ମିକମାନେ ଯେ ଈଶ୍ୱରଙ୍କ ରାଜ୍ୟରେ ଅଧିକାରୀ ହେବେ ନାହିଁ, ଏହା କି ତୁମ୍ଭେମାନେ ଜାଣନାହିଁ ? ଭ୍ରାନ୍ତ ହୁଅନାହିଁ, ବ୍ୟଭିଚାରୀ କି ପ୍ରତିମାପୂଜକ କି ପାରଦାରିକ କି ସ୍ତ୍ରୀବତ ଆଚାରି କି ପୁଂମୈଥୁନକାରୀ କି ଚୋର କି ଧନଲୋଭୀ କି ମତୁଆଲ କି ନିନ୍ଦକକ ପରଦ୍ରବ୍ୟ ଲୁଣ୍ଠନକାରୀ, ଏମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ । (୧ କରିନ୍ଥୀୟ ୬-୯-୧୦)

ଶରୀର ସମ୍ବନ୍ଧୀୟ ପାପ କାର୍ଯ୍ୟ ବହୁ ଭୟଙ୍କର ଅଟେ । ତହିଁରୁ କିଛି ଗୁଡ଼ିକ ଏହି ଶରୀରର କାର୍ଯ୍ୟ ଗୁଡ଼ାକ ତ ସ୍ପଷ୍ଟ ରୂପେ ଜଣା, ବ୍ୟଭିଚାର, ଅଶୁଚିତା, କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମଦଭେଦ, ଈର୍ଷ୍ୟା, ମତ୍ତତା, ରଙ୍ଗରସ, ଇତ୍ୟାଦି ପ୍ରକାର କର୍ମଗୁଡ଼ାକ ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବ ନାହିଁ । (ଗାଲାତୀୟ ୫:୧୯-୨୧) ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ । ସେଥିରୁ ତ ଅତ୍ୟାଚାର ଜନ୍ମେ, ମାତ୍ର ଆତ୍ମାର ପୂର୍ଣ୍ଣ ହୋଇ ରହୁ । (ଏଫିସ ୫:୧୮)

Bible Mission HQ Guntur

ଆତ୍ମିକକ ଶୋଷରେ କଷ୍ଟ ପାଉଥିବା ଲୋକମାନଙ୍କୁ ପ୍ରଭୁ ଯୀଶୁ ଏହିପରି ଆହ୍ୱାନ କରୁଛନ୍ତି । ଶେଷଦିନ, ଅର୍ଥତ, ପର୍ବର ପ୍ରଧାନ ଦିନ, ଠିଆ ହୋଇ ଉଚ୍ଚ ସ୍ୱରରେ କହିଲେ, କେହି ଯଦି ତୃଷିତ ହୁଏ, ତେବେ ସେ ମୋ ନିକଟକୁ ଆସି ପାନ କରୁ, ଯେ ମୋ ଠାରେ ବିଶ୍ୱାସ କରେ, ଧର୍ମଶାସ୍ତ୍ରର ଉକ୍ତି ପ୍ରମାଣେ ତାହାର ଅନ୍ତରରୁ ଜୀବନ ଜଳସ୍ରୋତ ପ୍ରବାହିତ ହେଉଥିବ । ତାହାଙ୍କଠାରେ ବିଶ୍ୱାସକାରୀମାନେ ଯେଉଁ ଆତ୍ମା ପାଇବାକୁ ଯାଉଥିଲେ, ତାହାଙ୍କ ବିଷୟରେ ସେ ଏହା କହିଲେ । (ଯୋହନ ୭:୩୭-୩୯) ହେ ତୃଷିତ ଲୋକ ସକଳ, ତୁମ୍ଭେମାନେ ଜଳ ନିକଟକୁ ଆସ ପୁଣି, ଯାହାର କିଛି ଅର୍ଥ ନାହିଁ, ସେ ଆସୁ, ତୁମ୍ଭେମାନେ ଆସ କିଣ ଓ ଭୋଜନ କର । ହଁ ଆସ, ଅର୍ଥ ଓ ମୂଲ୍ୟ ବିନା ଦ୍ରାକ୍ଷାରସ ଓ ଦୁଗ୍ଧ କିଣ । (ଯିଶାଇୟ ୫୫:୧) କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା ଯେ କେହି ପାନ କରିବ, ସେ କେବେ ହେଁ ତୃଷାର୍ତ୍ତ ହେବନାହିଁ ବରଂ ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଚ୍ଛୁଳି ଉଠିଥିବ । (ଯୋହନ ୪:୧୪)

**୪) କଇଁଛ** (The tortoise) : କଇଁଛ ଅଳସୁଆ, ପ୍ରତ୍ୟେକ କାର୍ଯ୍ୟ ଡେରିରେ କରିବା, କୁହୁକ ବିଦ୍ୟା ପାପକୁ ସଦୃଶ୍ୟ ଅଟେ । ଅବିଶ୍ୱାସ ବୋଲି ଭୟଙ୍କର ପାପର ପ୍ରତିରୂପ ହିଁ ଏହି କୁହୁକ ବିଦ୍ୟା ଅଳସୁଆର ହସ୍ତକୁ କାମ କରିବାକୁ ଦେବ ନାହିଁ । ତାହାର ଇଚ୍ଛା ମୃତ୍ୟୁ ଘଟାଏ, କାରଣ ତାହାର ହସ୍ତକର୍ମ କରିବାକୁ ନାସ୍ତି କରେ । କେହି କେହି ଦିନଯାକ ଅତ୍ୟନ୍ତ ଲୋକ

କରନ୍ତି, ମାତ୍ର ଧାର୍ମିକ ଲୋକ ଦାନ କରେ, କାତର ହୁଏ ନାହିଁ । (ହିତୋପଦେଶ ୨୧:୨୫, ୨୬) ପୂର୍ବରେ ଇସ୍ରାଏଲୀୟମାନଙ୍କୁ ନେତା ହେଇଥିବା ଯିହୋଶୂୟ ସେହି ଲୋକମାନଙ୍କୁ ଆପଣମାନେ ପାଇବାକୁ ଯାଉଥିବା ଦେଶକୁ ସ୍ୱାଧୀନ କରିବା ପର୍ଯ୍ୟନ୍ତ ତୁମ୍ଭେମାନେ ଅଳସୁଆ ହୋଇ ରୁହନାହିଁ ବୋଲି କହିଥିଲା ଈଶ୍ୱରଙ୍କ କାର୍ଯ୍ୟ ବିଷୟରେ ଅଳସୁଆ ଭାବରେ ରହିବା ମାନବ ସ୍ୱଭାବ ହେଇଅଛି । ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରିବାକୁ ପ୍ରାଣପଣ କର । (ଲୂକ ୧୩:୩୪) ବୋଲି ପ୍ରଭୁ ଯୀଶୁ କହିଥିଲେ । ଖୋଜ ତୁମ୍ଭେମାନେ ପାଇବେ । ସ୍ୱର୍ଗରାଜ୍ୟ ବଳରେ ଆକ୍ରାନ୍ତ ହେଉଅଛି, ପୁଣି ବଳରେ ଆକ୍ରମଣକାରୀମାନେ ପରାକ୍ରମରେ ତାହା ଅଧିକାର କରୁଅଛନ୍ତି । (ମାଥିଉ ୧୧:୧୨)

ଅଳସୁଆ ଆମ ଆତ୍ମାରକ୍ଷଣ ପାଇଁ ଏକ ବଡ଼ ପ୍ରତିରୋଧ କରିବା ପ୍ରସ୍ତର ହୋଇ ଆତ୍ମିକତାକୁ ବ୍ୟୟ କରିବ ଶେଷକୁ ଆତ୍ମିକ ଜୀବନକୁ ବିନାଶ କରିବ । ଏହା ଆମକୁ ପ୍ରାର୍ଥନା ଜୀବନରୁ ଦୂରକରି, ଦୈବ ସମ୍ବନ୍ଧ ହୋଇଥିବା ରହସ୍ୟ ବିଷୟକୁ ବୁଝିବାକୁ ନ ଦେଇ, ସେ ଆମ୍ଭମାନଙ୍କୁ ଦେଇଥିବା ମୂଲ୍ୟବାନ ପ୍ରତିଜ୍ଞା ଗୁଡ଼ିକକୁ ଆମେ ପାଇବାକୁ ଦେବ ନାହିଁ । ଶେଷକୁ ନିତ୍ୟ ନାଶନ ଆଡ଼େ ଆମକୁ ଚଳାଇବ । ପ୍ରେମମୟ ଈଶ୍ୱର ତୁମ୍ଭକୁ ତାହାଙ୍କ ପ୍ରତି ଆହ୍ୱାନ କରୁ କରୁ ତୁମ୍ଭ ହୃଦୟକୁ ଆଜି ହିଁ ମୋତେ ଦିଅ ବୋଲି ମାଗିଲା ବେଳେ, ଶୟତାନ ଆଉ ଗୋଟିଏ ଆଡ଼ରୁ ''ଆଜି ନାହିଁ ! ଆସନ୍ତା କାଲି ଦେହୀ ପାରିବ କିମ୍ବା ଆଉ ଏକ ସୁବିଧା ସମୟରେ ଈଶ୍ୱରଙ୍କୁ ଗ୍ରହଣ କରିପାରିବ ବୋଲି'' ପ୍ରେରଣ କରେ ଏହିପରି କଲେ ତୁମେ ଈଶ୍ୱରଙ୍କ

ନିକଟକୁ ଯାଇପାରିବି ନାହିଁ ବୋଲି ପରିତ୍ରାଣ ନ ଥାଇ, ଖ୍ରୀଷ୍ଟ ନଥାଇ ତୁମ୍ଭେ ସ୍ୱର୍ଗରେ ପ୍ରବେଶ କରିପାରିବ ନାହିଁ । ଅତଏବ ପବିତ୍ର ଆତ୍ମା ଯେପରି କହନ୍ତି ''ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ'' ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଓ ପ୍ରାନ୍ତରରେ ପରୀକ୍ଷା ଦିନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନକର । (ଏବ୍ରୀ ୩:୭, ୮ କେତେ ଲୋକ ଏହିପରି ପରିତ୍ରାଣ ବିଷୟରେ ବାଇଦା କରି ବିନଷ୍ଟ ହେଇଯାଉଛନ୍ତି । ତୁମ୍ଭେ ପରିତ୍ରାଣ ପାଇବାକୁ ଦେଖ ଏହା ମହା ଅନୁଗ୍ରହର ସମୟ ଆସନ୍ତା କାଲି ତୁମ୍ଭର ହେଇନପାରେ ।

କଇଁଛ ଉପରେ ଢ଼ାଳ ବାରମ୍ବାର କୁହୁକ ବିଦ୍ୟା ଅବଲମ୍ବନ କରିବା ଲୋକ ବ୍ୟବହାର କରିବେ । ଜୀବିତ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ତାହାଙ୍କ ଦ୍ୱାରା ମନୁଷ୍ୟ ତାହାଙ୍କ ଭବିଷ୍ୟତକୁ ନିର୍ଣ୍ଣୟ କରିବାକୁ ବଦଳରେ, ଏହିପରି କୁହୁକ ବିଦ୍ୟା, ଶୁଭାଶୁଭ କହିବା ବୋଲି ବିଷୟ ପ୍ରତି ଲକ୍ଷ୍ୟ ରଖିବା ପାପ ଅଟେ । ମନୁଷ୍ୟମାନଙ୍କ ବାଧା, ଦୁଃଖେ, ରୋଗ, ଦିଶା ନଥିବା ସ୍ଥିତି ଦୂର କରି ଠିକ ସାହାଯ୍ୟ, ସାନ୍ତ୍ୱନା ଈଶ୍ୱର ହିଁ ଦେଇପାରିବ, ସେହିପରି ବିପଦରେ ଥିବା ଲୋକମାନେ କୃପକାରୀ ହେଇଥିବା ଈଶ୍ୱରଙ୍କ ଅନୁଗ୍ରହ ନିମନ୍ତେ ପ୍ରାର୍ଥନା ହିଁ କରିବାର ଅଛି ମାତ୍ର ମନ୍ତ୍ରଙ୍କ ଦ୍ୱାରା ଶୁଭାଶୁଭ କହିବା ଦ୍ୱାରା କୌଣସି ପ୍ରୟୋଜନ ରହିବ ନାହିଁ । ଶୁଭାଶୁଭ କହୁଥିବା ମନ୍ତ୍ରଙ୍କମାନେ ଜଣଙ୍କ ଦୁର୍ଭାଗ୍ୟକୁ ଭାଗ୍ୟ ପରି ବଦଳେଇ ପାରିବେ ନାହିଁ । ତାହା ଈଶ୍ୱରଙ୍କୁ ହିଁ ସାଧ ଅଟେ । ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିରୀକୃତ ହୁଏ । (ଗୀତସଂହିତା ୩୭:୨୩) ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ପୀଡ଼ିତ ? ସେ ମଣ୍ଡଳୀର ପ୍ରାଚୀନ ମାନଙ୍କୁ ଡ଼କାଉ,

ସେମାନେ ପ୍ରଭୁଙ୍କ ନାମରେ ତୈଳ ମଖାଇ ତାହା ନିମନ୍ତେ ପ୍ରାର୍ଥନା କରନ୍ତୁ । ବିଶ୍ୱାସଯୁକ୍ତ ପ୍ରାର୍ଥନା ସେହି ରୋଗୀକୁ ରକ୍ଷା କରିବ, ପୁଣି ପ୍ରଭୁ ତାହାକୁ ଉଠାଇବେ, ଆଉ ଯଦି ସେ ପାପ କରିଥାଏ, ତାହା ହେଲେ ତାହାକୁ କ୍ଷମା ଦିଆଯିବ । ଅତଏବ, ପରସ୍ପର ନିକଟରେ ଆପଣା ଆପଣାର ପାପ ସ୍ୱୀକାର କର । (ଯାକୁବ ୫:୧୪-୧୬) କାରଣ ପୂର୍ବ ଦିଗରୁ, କି ପଶ୍ଚିମ ଦିଗରୁ, କିଅବା ଦକ୍ଷିଣ ଦିଗରୁ ଉନ୍ନତି ଆସେ ନାହିଁ । ମାତ୍ର ପରମେଶ୍ୱର ବିଚାରକର୍ତ୍ତା ଅଟନ୍ତି । ସେଠାରେ ଆପଣା ପୁତ୍ରକୁ କି ଆପଣା କନ୍ୟାକୁ ଅଗ୍ନି ମଧ୍ୟ ଦେଇ ଗମନ କରାଇବା ଲୋକ, ଅବା ମନ୍ତ୍ରଜ୍ଞ, ଶୁଭାଶୁଭବାଦୀ, କି ଗଣକ, କି ମାୟାବୀ । କି ମୋହକ, କି ଭୂତୁଡ଼ିଆ, କି ଗୁଣିଆ, କି ପ୍ରେତପରାମର୍ଶୀ ଲୋକ ତୁମ୍ଭ ମଧ୍ୟରେ ଦେଖାଯିବ ନାହିଁ । ଯେହେତୁ ଯେ କେହି ଏପରି କର୍ମ କରେ, ସେ ସଦାପ୍ରଭୁଙ୍କ ଘୃଣା ପାତ୍ର, ପୁଣି ସେହି ଘୃଣ୍ୟକର୍ମ ସକାଶୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ସେମାନଙ୍କୁ ତୁମ୍ଭ ସମ୍ମୁଖରେ ତଡ଼ି ଦେଉଅଛନ୍ତି । (ଦ୍ୱିତୀୟ ବିବରଣ ୧୮:୧୦-୧୨) କୁକୁରମାନେ, ମାୟାବୀ, ବ୍ୟଭିଚାରୀ, ନରଘାତକ, ପ୍ରତିମା ପୂଜକ ପୁଣି ମିଥ୍ୟାପ୍ରିୟ ଓ ମିଥ୍ୟାଚାରୀମାନେ ବାହାରେ ରହିବେ । (ପ୍ରକାଶିତ ୨୨:୧୫) ତୁମ୍ଭେମାନେ ଭୂତୁଡ଼ିଆ କି ଗୁଣିଆମାନଙ୍କର ଅନୁସରଣ କର ନାହିଁ, ସେମାନଙ୍କ ଦ୍ୱାରା ଅପବିତ୍ର ହେବା ନିମନ୍ତେ ସେମାନଙ୍କର ଅନ୍ୱେଷଣ କରନାହିଁ । ଆମ୍ଭେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଅଟୁ । (ଲେବୀୟ ୧୯:୩୧) ପୁଣି ଯେତେବେଳେ ସେମାନେ ତୁମ୍ଭମାନଙ୍କୁ କହିବେ, ଯେଉଁ ଭୁତୁଡ଼ିଆ ଓ ଗୁଣିଆମାନେ ଗଣ ଗଣ ଓ ଫୁସ୍ ଫୁସ୍ କରି କହନ୍ତି ସେମାନଙ୍କର ଅନ୍ୱେଷଣ କର (ତୁମ୍ଭେମାନେ କୁହ) ଲୋକମାନେ କ'ଣ ଆପଣମାନଙ୍କ

ପରମେଶ୍ୱରଙ୍କ ଅନ୍ୱେଷଣ କରିବେ ନାହିଁ ? ସେମାନେ କ'ଣ ଜୀବିତମାନଙ୍କ ସପକ୍ଷରେ ମୃତମାନଙ୍କର ଅନ୍ୱେଷଣ କରିବେ । ବ୍ୟବସ୍ଥା ଓ ପ୍ରମାଣ-ବାକ୍ୟରେ ଅନ୍ୱେଷଣ କର । ଯେବେ ସେମାନେ ଏହି ବାକ୍ୟାନୁସାରେ କଥା ନ କହନ୍ତି ତେବେ ନିଶ୍ଚୟ ସେମାନଙ୍କ ନିମନ୍ତେ ଅରୁଣଦୟ ନାହିଁ । (ଯିଶାଇୟ ୮:୧୯-୨୦)

ଏହି ଛୋଟ ବହି ପଢୁଥିବା ବେଳେ ଈଶ୍ୱର ତୁମ୍ଭ ସହିତ କଥା ହେଉଅଛି । ତୁମ୍ଭର ପାପ ବିଷୟରେ ଅନୁତାପ କରି ତୁମ୍ଭ ଜୀବନକୁ ତାହାଙ୍କୁ ସମର୍ପଣ କରିବା ପରି ଈଶ୍ୱର ତୁମ୍ଭକୁ ପ୍ରେରଣା କରୁଛନ୍ତି । ତୁମ୍ଭେ ସେହିପରି ନ କରି କଇଁଛ ପରି ଅଳସୁଆ ସ୍ୱାଭାବରେ, ତୁମ୍ଭ ହୃଦୟରେ ଅନେକ ସନ୍ଦେହ ରଖି କରି, ପରିତ୍ରାଣ ବିଷୟରେ ବେଖାତିର କରୁ କରୁ ବାଇଦା ପକାଇବା ସ୍ଥିତିରେ ରହିବ କି ? ତୁମ୍ଭେ ଉତ୍ତମ ଖ୍ରୀଷ୍ଟିୟାନ ହେଲେ ତୁମ୍ଭ ସାଙ୍ଗମାନେ, ବନ୍ଧୁମାନେ, ଅନ୍ୟମାନେ ତୁମ୍ଭ ବିଷୟରେ କ'ଣ କହିବେ ? ତୁମ୍ଭେ ଜଗତ ସମ୍ବନ୍ଧରେ ଆନନ୍ଦ ଦେବା ନାଟ୍ୟରେ, ଭୋଜିରେ ଆନନ୍ଦ କରିବା ସ୍ଥିତିରେ ନ ରହିଲେ କିପରି ରହିବ ? ଏହିପରି ରଙ୍ଗରସକୁ ବିସର୍ଜନ କରି, ଯୀଶୁଖ୍ରୀଷ୍ଟଙ୍କ ଠାରେ ଉତ୍ପନ୍ନ ହେଉଥିବା ଉତ୍କୃଷ୍ଟ ଭାଗ୍ୟକୁ ଆଶା କରି, ତାହାଙ୍କ ମହିମା ପାଇବା ନିମନ୍ତେ ସେ ଦେଉଥିବା ନିତ୍ୟ ଜୀବନ ଆନନ୍ଦରେ ସହଭାଗୀ ହେବା ନିମନ୍ତେ ଆମ୍ଭମାନଙ୍କୁ ଆମ୍ଭେ ହିଁ ସମ୍ପୂର୍ଣ୍ଣ ଭାବରେ ଖ୍ରୀଷ୍ଟ ପ୍ରଭୁଙ୍କୁ ସମର୍ପଣ କଲେ । ଆମ୍ଭକୁ କେତେ ଉତ୍ତମ ! ସେତେବେଳେ ତୁମ୍ଭେ ନଷ୍ଟ କରିଥିବା ଆତ୍ମିକ ଉପହାର ସବୁ ପୁନର୍ବାର ପାଇପାରିବ । ତୁମ୍ଭେ ମନୁଷ୍ୟମାନଙ୍କୁ ଭୟ କରିବା ସ୍ଥିତିରେ ଥିଲେ ଆହୁରି ଶୟତାନ

ବନ୍ଧନରେ ଅଛୁ ବୋଲି ବୁଝ । ପୁଣି ମୃତ୍ୟୁର ଭୟରେ ଯେଉଁମାନେ ଯାବଜୀବନ ଦାସତ୍ୱର ବନ୍ଧନରେ ଥିଲେ ସେମାନଙ୍କୁ ସେ ଉଦ୍ଧାର କରନ୍ତି । ତୁମ୍ଭେ ତୁମ୍ଭ ହୃଦୟ କଠିନ କରୁ କରୁ, ବିଳମ୍ବ କରୁ କରୁ ଯଦି ରହିଲେ । ତାହା କଇଁଛ ଢ଼ାଳ ଠାରୁ କଠିନ ହୋଇଯିବ ।

୫) ଚିତାବାଘ (The leopard) : ଏହା ବହୁତ ଭୟଙ୍କର, କ୍ରୁର ବନ୍ୟ ଜନ୍ତୁ ଏହା ଈର୍ଷା, ବିଦ୍ୱେଷ କ୍ରୋଧ ବୋଲି ପାପକୁ ସଦୃଶ୍ୟ ଭାବରେ ଅଛି । କ୍ରୋଧ ବୋଲି ପାପ ମନୁଷ୍ୟ ହୃଦୟରେ କାର୍ଯ୍ୟ କରୁଥିବା ବେଳେ ତାହା ତାହାଙ୍କ ସହିତ ଥିବା ମନୁଷ୍ୟକୁ ହତ୍ୟ କରିବା ପାଇଁ ମଧ୍ୟ ପଛେଇବ ନାହିଁ । ନିର୍ଦ୍ଦୟା କ୍ରୋଧରେ ପୂର୍ଣ୍ଣିତ ମନୁଷ୍ୟ ତାହାଙ୍କୁ ନିଜକୁ ନିଜେ ନିୟନ୍ତ୍ରିତ କରିପାରିବ ନାହିଁ । ସେ ଭାବୁଥିବା କାର୍ଯ୍ୟ ହେବା ପର୍ଯ୍ୟନ୍ତ ସେ କ୍ରୋଧରେ ରୌଦ୍ର ନିୟନ୍ତ୍ରଣ ହେବ ନାହିଁ । ଏହିପରି କ୍ରୋଧ ବୋଲି ଭୟଙ୍କର ପାପ ଯଦି ତୁମ୍ଭଠାରେ ଥାଏ ତୀକ୍ଷ୍ଣ ତାହାଠାରେ ସମ୍ପୂର୍ଣ୍ଣ ଉଦ୍ଧାର ନିମନ୍ତେ ପ୍ରଭୁ ଯୀଶୁଙ୍କୁ ବିନତି କର । କ୍ରୋଧରୁ କ୍ଷାନ୍ତ ହୁଅ ଓ କୋପ ତ୍ୟାଗ କର, ଆପଣାକୁ ବିରକ୍ତ କରନାହିଁ, ତାହା କେବଳ ଦୁଷ୍କର୍ମ କରିବାକୁ ପ୍ରବର୍ତ୍ତାଏ । (ଗୀତ ସଂହିତା ୩୭:୮) କୋପ ନିଷ୍ଠୁର ଓ କ୍ରୋଧ କରିବା ପାଇଁ ଆପଣ ଆତ୍ମାରେ ଚଞ୍ଚଳ ହୁଅ ନାହିଁ, କାରଣ ମୂର୍ଖମାନଙ୍କ ହୃଦୟରେ କ୍ରୋଧ ଅବସ୍ଥାନ କରେ । (ଉପଦେଶକ ୭:୯)(୧୧:୧୦) କିନ୍ତୁ ଏବେ ତୁମ୍ଭେମାନେ ମଧ୍ୟ ଏହି ସବୁ ବିଷୟ, ଅର୍ଥାତ୍ କ୍ରୋଧ, ରାଗ, ହିଂସା, ନିନ୍ଦା, ମୁଖରୁ କୁତ୍ସିତ ବାକ୍ୟ ଏହି ସବୁ ପରିତ୍ୟାଗ କର । (କଲସୀୟ ୩:୮)

କେତେକ ଭୀରୁମାନେ ସେମାନେ କୌଣସି ଦୁଷ୍ଟ କାର୍ଯ୍ୟ କରିବାକୁ କିମ୍ବା ଜଣଙ୍କ ଉପରେ ପ୍ରତିହିଂସା କରିବାକୁ ସେମାନଙ୍କ

ଠାରେ ସାହାସ ନଥାଇ ଭଲରେ ପିଇ ମତ୍ତ ହୋଇ ସାହାସରେ ରହିବାକୁ ଚେଷ୍ଟା କରିବେ । ସେମାନଙ୍କ ଦ୍ରାକ୍ଷାରସ ନାଗସର୍ପର ଗରଳ ଓ କାଳସର୍ପର କ୍ରୁର ବିଷ । (ଦ୍ୱିତୀୟ ବିବରଣ ୩୨:୩୩) ପ୍ରତିହିଂସା କରିବା ସ୍ୱଭାବ ପାପ ହୃଦୟକୁ ମଧୁର ରୂପେ ରହିବ । ହେଲେ ଗୋଟେ ସମୟରେ ଈଶ୍ୱର ପ୍ରତ୍ୟେକ ପାପକୁ ପ୍ରତିକାର ନକରି ଚୁପ ରହିବ ନାହିଁ । ଜଣଙ୍କ ଉପରେ ଆମ୍ଭେମାନେ ପ୍ରତିହିଂସା କରିବାର ଆବଶ୍ୟକତା ନାହିଁ । ‘‘ତୁମ୍ଭର ପଡୋଶୀଙ୍କୁ ଆତ୍ମତୁଲ୍ୟ ପ୍ରେମକର, ତୁମ୍ଭ ଶତୃମାନଙ୍କୁ ପ୍ରେମକର’’ ପ୍ରଭୁ ଯୀଶୁ କହିଥିଲେ । ଆମ ପ୍ରତି ଅପରାଧ କରୁଥିବାମାନଙ୍କୁ ଆମ୍ଭେମାନେ କ୍ଷମା କଲେ ଈଶ୍ୱର ଆମ୍ଭମାନଙ୍କ ପାପକୁ କ୍ଷମା କରିବେ ବୋଲି ପ୍ରତିଜ୍ଞା କରିଥିଲେ । ସାମ୍ନାରେ ଥିବା ବ୍ୟକ୍ତିଙ୍କୁ କ୍ରୋଧରେ ଦେଖୁ ଦେଖୁ ଦ୍ୱେଷରେ ଦାନ୍ତ ଚୁବେଉଥିବା ମନ ଥିବା ଲୋକଙ୍କୁ ଈଶ୍ୱର ଘୃଣା କରନ୍ତି, ଦୁଷ୍ଟତ୍ୱ ସହିତ ଥିବା ଅତିଆଶା ରକ୍ତପାତ ଓ ସଂଘର୍ଷ ଆଡ଼େ ପଥ କଢ଼ାଏ । ତେଣୁ ମାନବ ହୃଦୟରେ ସତ୍ୟମୟ ଶାନ୍ତି ଶେଷ ପର୍ଯ୍ୟନ୍ତ ସ୍ଥାପନ ହେବାର ଅଛି ।

**୬) ସର୍ପ** (The snake) : ଆଦ୍ୟରେ ଆଦମ, ହବା ମାନଙ୍କୁ ଠକିକରି ସେମାନଙ୍କୁ ଏଦେନ ଉଦ୍ୟାନରୁ ଈଶ୍ୱରଙ୍କ ସହବାସରୁ ସର୍ପ ହିଁ ଦୂର କରିଅଛି ନା ! ପକାଇ ଯାଇଥିବା ଦେବଦୂତ ଶୟତାନ ଭାବରେ ପରିବର୍ତ୍ତନ ହୋଇ, ଆଦି ମନୁଷ୍ୟର ସନ୍ତାନ ହେଇଥିବା ଆଦମ ହବା ଉପରେ ତାହାର ଈର୍ଷା ଦେଖାଇଲା । ଆଦମ ହବା ଜଗତକୁ ଈଶ୍ୱରଙ୍କ ଉପସ୍ଥିତିରୁ ଶାସନ କରିବା ଶୟତାନକୁ ବିଲକୁଲ ପସନ୍ଦ ନଥିଲା । ଆଦମ ‘‘ଲୂସିଫର’’

ହରାଇଥିବା ମହିମା ସ୍ଥାନକୁ ପାଇଥିବା ଯୋଗୁଁ ଶୟତାନ ସେମାନଙ୍କ ଉପରେ ବିଦ୍ରୋହଚରଣ କଲା । ଯେମିତି ହେଲେ ହେଁ ସେ କ୍ଷୁଥାର୍ଥ ହେଲା । ଆଦମ ହବା ଈଶ୍ୱରଙ୍କ ଉପସ୍ଥିତିରୁ ଦୂର କଲା । ଏହିପରି ଶୟତାନ ସ୍ୱଭାବ ହିଁ ଅନେକ ହୃଦୟରେ କାର୍ଯ୍ୟ କରୁଅଛି । ସାମ୍ନାରେ ଥିବା ଲୋକମାନଙ୍କର ଆନନ୍ଦ, ଶାନ୍ତି, ସେମାନଙ୍କ ସୁଖ ଜୀବନକୁ ଦେଖି ସହି ନପାରି କେତେ ଲୋକ ଈର୍ଷାରେ କାନ୍ଦିବା ଦେଖୁଅଛୁ । ସେତିକି ମାତ୍ର ନୁହେଁ ସେମାନଙ୍କୁ ଯେତେ ପର୍ଯ୍ୟନ୍ତ ସାଧ ହେବ ସେତେ ପର୍ଯ୍ୟନ୍ତ ସମସ୍ତଙ୍କ ଆନନ୍ଦକୁ ଅନ୍ଧକାର କରିଦେବ । ଅନ୍ତଜ୍ୱାଳା ପାତାଳ ପରି ଦୃଢ଼ (ପରମଗୀତ ୮:୬) ଈର୍ଷାରେ ପୂର୍ଣ୍ଣିତ ହୃଦୟ ଅନେକ ଦୁଷ୍ଟ ଚିନ୍ତାରେ ନିଳୟ ହୋଇ ପଡ଼ୋଶୀ ଲୋକମାନଙ୍କ ଘର ଧ୍ୱଂସ କରିବାକୁ ଆବଶ୍ୟକ ହତ୍ୟା କରିବାକୁ ଦୌଡ଼ିବ । ଏହିପରି ଲୋକମାନେ ସେମାନଙ୍କୁ ଯେ କୌଣସି ପ୍ରୟୋଜନ ନଥିଲେ ସୁଦ୍ଧା ପଡ଼ୋଶୀ ଲୋକମାନଙ୍କ ପତନକୁ ଆଶା କରିବେ । କ'ଣ କ'ଣ ଈର୍ଷା କଥା କହି ହେବାକୁ ଯାଉଥିବା ବିବାହ କାର୍ଯ୍ୟକ୍ରମକୁ ଖରାପ କରିବା । ପଡୋଶୀ ଲୋକମାନଙ୍କ ନାମ ଓ ଖ୍ୟାତି ଖରାପ କରିବା । ଦୁଷ୍ଟ ଲୋକମାନେ ଏହିପରି କାର୍ଯ୍ୟ ସବୁ କରିବା ଆମ୍ଭେମାନେ ଜାଣିପାରୁଛୁ । ଈଶ୍ୱରଙ୍କ ଦାସ ବୋଲି କହୁ କହୁ ଈଶ୍ୱରଙ୍କ ସେବା କାର୍ଯ୍ୟ କରିବା ସୁସମାଚାର ପ୍ରଚାରକ ମାନଙ୍କ ଠାରେ ମଧ୍ୟ ଏହିପରି ହୀନ ଗୁଣ କାର୍ଯ୍ୟ କରିବା ଆଶ୍ଚର୍ଯ୍ୟ ଲାଗିବ ନା ! ସାମ୍ନାରେ ଥିବା ଈଶ୍ୱରଙ୍କ ଦାସ କିମ୍ବା ଭାଇ ତାହାଠାରୁ ଭଲ ନାମ ଅର୍ଜନ କଲେ ତାହାଙ୍କ ସେବା କାର୍ଯ୍ୟ ଦ୍ୱାରା କିମ୍ବା ଭାଇ ତାହାଠାରୁ ଭଲ ନାମ ଅର୍ଜନ କଲେ ତାହାଙ୍କ ସେବା କାର୍ଯ୍ୟ ଦ୍ୱାରା ଅନେକ ଲୋକମାନଙ୍କୁ

ଆକର୍ଷଣ କଲେ ଦେଖି ସହି ନ ପାରି ସେମାନଙ୍କ ଉପରେ ଅନେକ ନିନ୍ଦା ଦେବା ପ୍ରଚାରକମାନେ ପାଳକମାନେ ଅନେକ ଅଛନ୍ତି । ଏମାନେ ଆଦିରେ ଈଶ୍ୱରଙ୍କ ପବିତ୍ରତାକୁ, ସେବାକୁ କେତେ ପ୍ରେମ କରିଥିବା ଲୋକମାନେ ହେଇଥିଲେ ମଧ୍ୟ, ପବିତ୍ରାତ୍ମା ପୂର୍ଣ୍ଣିତ ହେଇଥିଲେ ମଧ୍ୟ ଶେଷକୁ ଈର୍ଷା ବୋଲି ଭୟଙ୍କର ପାପ ଦ୍ୱାରା ଧରାପଡ଼ି ସେମାନେ ଆଉ ସେମାନଙ୍କ ସହିତ ସେବା କାର୍ଯ୍ୟକୁ ମଧ୍ୟ ନିଷ୍ପ୍ରୟୋଜନ କରୁଛନ୍ତି ।

**୭) ବେଙ୍ଗ (The frog)** : ଏହା କଞ୍ଜୁସ, ଧନଲୋଭ ବୋଲି ପାପକୁ ସଦୃଶ୍ୟ ଅଟେ । ଧନଲୋଭ ସମସ୍ତ ମନ୍ଦତାର ମୂଳ (୧ ତୀମଥି ୬:୧୦) ବୁଝିପାରୁଅଛୁ । କାଙ୍ଗ ଦେଶରେ ଏକ ଜାତି ବେଙ୍ଗମାନେ ଶହ ଶହ ପିମ୍ପୁଡ଼ି ଖାଇବା ଅଭ୍ୟାସ ଅଛି । ସେହି ବେଙ୍ଗ ସନ୍ତୁଷ୍ଟ ନହୋଇ ଅବିରତ ଭାବରେ ଖାଇ ଖାଇ ଶେଷକୁ ଶରୀର ଫାଟିଯାଇ ମରିଯିବ । ଲୋଭରେ ଥିବା ମନୁଷ୍ୟ ପଡୋଶୀ ଲୋକଙ୍କ ଅଭାବ ସମୟରେ ବା, ଗରିବ ଲୋକଙ୍କୁ ସାହାଯ୍ୟ କରିବାରେ ତାହାର ହସ୍ତ ବିସ୍ତାର କରିପାରିବ ନାହିଁ । ମାତ୍ର ନିରନ୍ତର ସନ୍ତୁଷ୍ଟ ନହୋଇ ଧନ ଠାରୁ ଧନ ସଞ୍ଚୟ କରୁ କରୁ ଜୀବନ ଯାପନ କରୁଥିବେ । ହେଲେ ସେ ଧନ ବିନଷ୍ଟ ହେବ । ଧନ ଠିକ ଭାବରେ ବ୍ୟବହାର କରି ନ ପାରିଲେ ତାହାକୁ କୀଟ ଓ କଳଙ୍କ କ୍ଷୟ କରେ ପୁଣି, ଚୋରମାନେ ସିନ୍ଧି କାଟି ଚୋରି କରନ୍ତି, ଏପରି ପୃଥିବୀରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କରନାହିଁ, ମାତ୍ର ଯେଉଁଠାରେ କୀଟ ଓ କଳଙ୍କ ନଷ୍ଟ ନ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ

ସଞ୍ଚୟ କର, କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ଯ ତୁମ୍ଭର ମନ । (ମାଥିଉ ୬:୧୯-୨୧) ଆଖନ ସୁନା, ରୂପା, ବହୁମୂଲ୍ୟ ହୀରା, ବସ୍ତ୍ରକୁ ପ୍ରେମ କରିଥିବା ଯୋଗୁଁ ହିଁ ତାହାଙ୍କ ପରିବାର ସହିତ ସେ ମଧ୍ଯ ନାଶ ପାଇଲା । (ଯିହୋଶୂୟ ୭ ଅଧ୍ଯାୟ) ପ୍ରଭୁ ଯୀଶୁଙ୍କ ଶିଷ୍ୟମାନଙ୍କ ମଧ୍ଯରେ ଜଣେ ହେଇଥିବା ଯିହୁଦା ଏହି ଧନ ଲୋଭରେ ଲକ୍ଷ କରିଥିବା ହେତୁ ଦ୍ଵାରା ହିଁ, ତାହାଙ୍କ ମାଲିକ ହେଇଥିବା ଯୀଶୁଙ୍କୁ ଦ୍ରୋହ କରି ସେ ନିଜକୁ ନିଜେ ଫାଶି ପକାଇ ମୃତ୍ୟୁବରଣ କଲା । ଧନ ମାତ୍ର ନୁହେଁ ସୁନାକୁ ଧନକୁ ମଧ୍ଯ ପ୍ରେମ କରିବାଟା ମଧ୍ଯ ମାନବ ହୃଦୟରେ କାର୍ଯ୍ୟ କରି ମୋହନ କ୍ଷତିକୁ କାରଣ ହେଉଅଛି ।

ହଜାର ହଜାର ଲୋକମାନେ ଏହି ଧନଲୋଭ ଦ୍ଵାରା ବାନ୍ଧିତ ହୋଇ ଏକାଥରେ ଲକ୍ଷ ଲକ୍ଷ ଟଙ୍କା ଅର୍ଜନ କରିବା ପାଇଁ ଅତି ଆଶାରେ ତାସ, ଘୋଡ଼ା ଦୌଡ଼, କୁକୁର ଦୌଡ଼ରେ ଇତ୍ୟାଦି ଆଡ଼େ ଆକର୍ଷିତ ହୋଇ ସେମାନଙ୍କ ପରିବାର ସମସ୍ତଙ୍କୁ ଦୁଃଖ ସାଗରରେ ବୁଡ଼ାଇ ଦେଉଅଛନ୍ତି । ଏହି ଧନ ଲୋଭ ଗୋଟେ ଗୋଟେ ସମୟରେ ସୋମନଙ୍କୁ, ଚୋରି, ହତ୍ୟା, ଆତ୍ମହତ୍ୟା କରିବାକୁ, ଅନେକ ବାଧା ପ୍ରାପ୍ତ ହେବାକୁ ଦେଉଅଛି । ଧନଲୋଭ, କଞ୍ଜୁସ, ବିଭିନ୍ନ ସହଚର ମାନଙ୍କୁ ପାଇଅଛି ।

ନାମ ଖ୍ୟାତି ପାଇ ଜୀବନ ଯାପନ କରିବା ପାଇଁ ଆଶା, ଅନ୍ୟମାନଙ୍କ ଉପରେ ରାଜନୀତିରେ, ସାଙ୍ଗିକ ଭାବରେ ଶାସନ କରିବା ପାଇଁ ଇଚ୍ଛା, ଗରିବମାନଙ୍କୁ ଧନ ଆଶା ଦେଖାଇ ସେମାନଙ୍କ ଉପରେ ନିରଙ୍କୁସ ଭାବରେ ବ୍ୟବହାର କରିବା ପାଇଁ ଆଶା । ଧର୍ମ

ସମ୍ବନ୍ଧ ବିଷୟରେ ଖ୍ୟାତି ପାଇବା ପାଇଁ ଆଶା । ଈଶ୍ୱରଙ୍କ ଭକ୍ତି ନଥିଲେ ମଧ୍ୟ, ଅଧିକ ଭାବରେ ଧର୍ମ ସମ୍ବନ୍ଧ ବିଷୟରେ ପ୍ରଥମେ ରହିବା ପାଇଁ ଆଶା । ଅନ୍ୟ ଲୋକମାନେ କେହି ମଧ୍ୟ ତାହାଙ୍କୁ ଠାରୁ ଉଚ୍ଚ ସ୍ଥିତିରେ ନ ରହିବା ପାଇଁ ଈର୍ଷାରେ ପଡୋଶୀ ଲୋକମାନଙ୍କୁ ନିବାରଣ କରିବା ଜୀବନ (ମାର୍କ ୯:୩୮) ଇତ୍ୟାଦି, ଧନଲୋଭ, ଅନୁଗାମୀମାନେ ହିଁ ! ପ୍ରଭୁ ଯୀଶୁ ଏହିପରି କହିଲେ । ପୁଣି ସେ ସେମାନଙ୍କୁ କହିଲେ, ସାବଧାନ, ସମସ୍ତ ପ୍ରକାର ଲୋଭରୁ ଆପଣା ଆପଣାକୁ ଦୂରରେ ରଖ, କାରଣ ଲୋକର ଜୀବନ ତାହାର ଧନସମ୍ପତ୍ତି ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ । (ଲୂକ ୧୨:୧୫) ପାଇଁ ଏହିପରି କୁହାଯାଇଅଛି । ଆଉ, ସେ ସେମାନଙ୍କୁ ଏହି ଦୃଷ୍ଟାନ୍ତ କହିଲେ, ଜଣେ ଧନୀ ଲୋକର କ୍ଷେତରେ ବହୁତ ଫସଲ ହେଲା । ସେଥିରେ ସେ ମନେ ମନେ ବିବେଚନା କରି କହିଲା, କଅଣ କରିବି ? କାରଣ ମୋହର ଫସଲ ସଂଗ୍ରହ କରି ରଖିବା ନିମନ୍ତେ ସ୍ଥାନ ନାହିଁ । ପୁଣି ସେ କହିଲା, ଏହା କରିବି, ମୋର ଅମାର ସବୁ ଭାଙ୍ଗି ବଡ଼ ବଡ଼ କରି ତୋଳିବି ଓ ସେସବୁରେ ମୋର ଶସ୍ୟ ଓ ଦ୍ରବ୍ୟ ସବୁ ସଂଗ୍ରହ କରି ରଖିବି, ଆଉ ମୁ ମୋର ପ୍ରାଣକୁ କହିବି, ରେ ପ୍ରାଣ, ଅନେକ ବର୍ଷ ନିମନ୍ତେ ତୋର ଦ୍ରବ୍ୟ ସଞ୍ଚିତ ଅଛି, ବିଶ୍ରାମ କର ଭୋଜନ କର, ଆମୋଦ କର, କିନ୍ତୁ ଈଶ୍ୱର ତାହାଙ୍କୁ କହିଲେ, ରେ ନିର୍ବୋଧ, ଆଜି ରାତିରେ ତୋର ପ୍ରାଣ ତୋ ଠାରୁ ନିଆଯିବ ସେଥିରେ ତୁ ଯାହା ଯାହା ଆୟୋଜନ କରିଅଛୁ, ସେହିସବୁ କାହାର ହେବ ? ଯେ ଆପଣା ନିମନ୍ତେ ଧନ ସଞ୍ଚୟ କରି, କିନ୍ତୁ ଈଶ୍ୱରଙ୍କ ବିଷୟରେ ଧନୀ ନୁହେଁ, ତାହା ପ୍ରତି ଏହିପରି ଘଟେ । (ଲୂକ ୧୨:୧୬-୨୧) ଆଉ, ମନୁଷ୍ୟ ଯେବେ ସମସ୍ତ ଜଗତ

ଲାଭ କରି ନିଜ ଜୀବନ ହରାଏ, ତ ସେବେ ତାହାର କି ଲାଭ । (ମାର୍କ ୮:୩୬) ସେ ଆପଣା ଶିଷ୍ୟମାନଙ୍କୁ କହୁଅଛି, କ'ଣ ଖାଇବ, ଏପରି ଭଳି ତୁମ୍ଭମାନଙ୍କ ଜୀବନ ନିମନ୍ତେ, କି ଅବା କ'ଣ ପିନ୍ଧିବ, ଏପରି ଭଳି ତୁମ୍ଭମାନଙ୍କ ଶରୀର ନିମନ୍ତେ ମଧ୍ୟ ଚିନ୍ତା କରନାହିଁ - ତୁମ୍ଭେମାନେ ଏପରି ସ୍ୱର୍ଗରେ ଅକ୍ଷୟ ଧନ ସଞ୍ଚୟ କର, କାରଣ ଯେଉଁଠାରେ ତୁମ୍ଭମାନଙ୍କର ଧନ, ସେହିଠାରେ ମଧ୍ୟ ତୁମ୍ଭମାନଙ୍କର ମନ । (ଲୂକ ୧୨:୨୨-୩୪)

**୮) ଶୟତାନନ** (The saitan) : ଶୟତାନ ମିଥ୍ୟାବାଦୀମାନଙ୍କ ସମସ୍ତଙ୍କୁ ଜଣକ ହୋଇ ଅନେକ ଲୋକମାନଙ୍କୁ ମିଥ୍ୟାବାଦୀ କରୁଅଛି । ଏହି ଶୟତାନ ହିଁ ମନୁଷ୍ୟମାନଙ୍କୁ ହୃଦୟକୁ ପାଳନ କରିବା ଶାସନକର୍ତ୍ତା ଭାବରେ ରହି ବିଭିନ୍ନ ପାପ କାର୍ଯ୍ୟକୁ କରିବା ପାଇଁ ଲୋକମାନଙ୍କୁ ପ୍ରେରଣ କରୁଅଛି । ତୁମ୍ଭେମାନେ ତୁମ୍ଭମାନଙ୍କର ପିତା ଶୟତାନଠାରୁ ଉତ୍ପନ୍ନ, ଆଉ ତୁମ୍ଭମାନଙ୍କ ପିତାର କାମନା ସାଧନା କରିବା ତୁମ୍ଭମାନଙ୍କର ଇଚ୍ଛା । ସେ ଆଦ୍ୟରୁ ନରଘାତକ, ଆଉ ସେ ସତ୍ୟରେ ରହେ ନାହିଁ, କାରଣ ତାହାଠାରୁ ସତ୍ୟ ନାହିଁ । ଯେତେବେଳେ ସେ ନିଜଠାରୁ କହେ, କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାବାଦୀର ପିତା । (ଯୋହନ ୮:୪୪) ମିଥ୍ୟା ବୋଲି ବିଷୟ ଛୋଟ ହେଲେ ମଧ୍ୟ, ବଡ଼ ଭୂଲ ପରି ଗଣନା କରାଯିବ । ମିଥ୍ୟା କଥା ଦ୍ୱାରା, ଲିଖନ ଦ୍ୱାରା, କ୍ରିୟା ଦ୍ୱାରା କହିପାରିବ, ବେଶଧାରଣ ମଧ୍ୟ ଗୋଟିଏ ପ୍ରକାର ମିଥ୍ୟା ହିଁ କାହିଁକି ମାନେ ବେଶଧାରୀ ନଥିବା ବିଷୟକୁ ଅଛି ବୋଲି ନଟନ କରିବ । ପରମେଶ୍ୱର କେବେ ମଧ୍ୟ ମିଥ୍ୟାବାଦୀ ନୁହେଁ । ଖ୍ରୀଷ୍ଟିୟାନ ମଧ୍ୟ

ମିଥ୍ୟାକୁ ବିସର୍ଜନ କରିବାର ଅଛି । ଈଶ୍ୱରଙ୍କ ମନୋନୀତ ଲୋକମାନେ ଅନନ୍ତ ଜୀବନର ଭରସାପ୍ରାପ୍ତ ହୋଇ, ଯେପରି ବିଶ୍ୱାସ ଓ ଭକ୍ତି ସହିତ ସତ୍ୟ ଜ୍ଞାନରେ ବୃଦ୍ଧି ପାଆନ୍ତି, ଏଥି ନିମନ୍ତେ ମୁଁ ପ୍ରେରିତ ହୋଇଅଛି (ତିତସ ୧:୨) ଯୁ ତାହାଙ୍କ ସହିତ ଆମ୍ଭମାନଙ୍କର ସହଭାଗିତା ଅଛି, ଏହା କହି ଯଦି ଆମ୍ଭେମାନେ ଅନ୍ଧକାରରେ ଆଚରଣ କରୁ ତାହା ହେଲେ ଆମ୍ଭେମାନେ ମିଥ୍ୟାବାଦୀ, ଆଉ ସତ୍ୟ ଆଚରଣ କରୁ ନଥାଉ । (୧ ଯୋହନ ୧:୬) କୁକୁରମାନେ, ମାୟାବୀ, ବ୍ୟଭିଚାରୀ, ନରଘାତକ, ପ୍ରତିମାପୂଜକ ପୁଣି, ମିଥ୍ୟାପ୍ରିୟ ଓ ମିଥ୍ୟାବାଚାରୀମାନେ ବାହାରେ ରହିବେ । (ପ୍ରକାଶିତ ୨୨:୧୫) ମିଥ୍ୟାସାକ୍ଷୀ ଯେ ମିଥ୍ୟା କହେ ଓ ଯେ ଭାଇମାନଙ୍କ ମଧ୍ୟରେ କଳିର ବୀଜ ବୁଣେ । (ହିତୋପଦେଶ ୬:୧୯)

**୯) ନକ୍ଷତ୍ର (The star)** : ନକ୍ଷତ୍ର ମନୁଷ୍ୟ ହୃଦୟରେ ମନସାକ୍ଷୀକୁ ସୂଚନା ଭାବରେ ଅଛି । ଏଇଠି ଏହା ବହୁତ ଭ୍ରଷ୍ଟ ହୋଇ ଯାଇଅଛି ଅଶୁଚିରେ ପରିପୂର୍ଣ୍ଣ ହୋଇଅଛି । ଏହା ଅବିରତ ଭାବରେ ଅନ୍ଧକାରରେ ବୁଡ଼ିଯାଇ ଅନ୍ଧତ୍ୱ ଦ୍ୱାରା ବିପଥଗାମୀ ସ୍ଥିତିରେ ଅଛି । ଆହୁରି ସେ କରିଥିବା ଅନ୍ଧକାର କାର୍ଯ୍ୟ ନିମନ୍ତେ ବିଚାର ପାଇବାକୁ ପ୍ରସ୍ତୁତ ହେଇଅଛି । ଏହି ମଳିନ ହୋଇଥିବା ମନସାକ୍ଷୀ ଗୋଟେ ଗୋଟେ ସମୟରେ ଶାନ୍ତିରେ କେତେ ସମୟରେ ବିଚଳିତ ଭାବରେ ରହିବ । ଏହା କ୍ଷମା ପାଇବା ସମୟ ଆସିଲା ବେଳେ ଅପରାଧ ବହାଇ, ମିଥ୍ୟା କହିବ । ଏହିପରି ମିଥ୍ୟା କହିବା ପର୍ଯ୍ୟନ୍ତ କ୍ଷମା ପାଇବ ନାହିଁ । ଭଲରେ ଅଗ୍ନିରେ ଜଳିଥିବା ଲୁହା ଖଣ୍ଡରେ ପ୍ରତାରଣପୂର୍ଣ୍ଣ ହୋଇଥିବା ପରି ପ୍ରତାରଣାପୂର୍ଣ୍ଣ

ଆତ୍ମାମାନଙ୍କ ପ୍ରତି ଓ ଭୂତମାନଙ୍କ ଶିକ୍ଷା ପ୍ରତି ମନୋଯୋଗ କରି ବିଶ୍ୱାସ ପରିତ୍ୟାଗ କରିବେ, (୧ ତୀମଥି ୪:୧-୨ ଏବ୍ରୀ ୧୦:୨୨)

**୧୦) ଆଖି** (The eye) : ଏହା ଈଶ୍ୱରଙ୍କ ଆଖି ମାନବ ହୃଦୟ ରହସ୍ୟ ସବୁକୁ ଅନୁସନ୍ଧାନ - ଉଜ୍ଜ୍ୱଳ ନେତ୍ର । ଏହି ଉଜ୍ଜ୍ୱଳ ନେତ୍ରକୁ କୌଣସି ବିଷୟ ଲୁଚି ହୋଇ ରହିବ ନାହିଁ । ଈଶ୍ୱର ସବୁ ଜାଣିପାରିବ । ମନୁଷ୍ୟ ହୃଦୟରେ ଅତି ରହସ୍ୟ ଭାବରେ ଲୁଚି ରହିଥିବା ଯେ କୌଣସି କାର୍ଯ୍ୟ ହେଲେ ମଧ ଏହି ଚକ୍ଷୁକୁ ଲୁଚି ରହିପାରିବ ନାହିଁ । ଯଦି ତୁମେ ପାପକୁ ଘୋର ଅନ୍ଧକାରରେ କଲେ ମଧ ମନୁଷ୍ୟ ସଞ୍ଚାର ନଥିବା ଭୟଙ୍କର ଅରଣ୍ୟରେ କଲେ ମଧ, ଗଭୀର ଗୁମ୍ଫାରେ କଲେ ମଧ, ଆଉ କେଉଁଠି କଲେ ମଧ ଈଶ୍ୱର ତାହା ଦେଖିପାରିବ । (ଏହି ଛାୟାଚିତ୍ରରେ ଆଖି ମନୁଷ୍ୟର ମୁଖକୁ ଅନୁସରଣ ଅଛି ।)

**୧୧) ଅଗ୍ନି ପରି ଛୋଟ ଛୋଟ ନିଆଁ** (The little tonguues of fire) : ଏହି ହୃଦୟକୁ ବାହାରେ ଅବରିଥିବା ନିଆଁ ପରି ଛୋଟ ଛୋଟ ଜିହ୍ୱଗୁଡ଼ିକ ପାପୀଙ୍କ ହୃଦୟ ଚାରିଆଡ଼େ ଅବରିଥିବା ଅଗ୍ନି ଈଶ୍ୱରଙ୍କ ପ୍ରେମକୁ ଚିହ୍ନଟ ଭାବରେ ଅଛି । ଈଶ୍ୱର ପାପକୁ ଘୃଣା କରି, ପାପୀକୁ ପ୍ରେମ କରୁଛନ୍ତି । ପାପୀ ତାହାର ପାପରେ ମୃତ୍ୟୁବରଣ କରିବା ଈଶ୍ୱରଙ୍କୁ ପସନ୍ଦ ନାହିଁ । ସେ ମନ ପରବର୍ତ୍ତନ ପାଇଁ ରକ୍ଷା ପ୍ରାପ୍ତ ହୋଇ ଜୀବନରେ ପ୍ରବେଶ କରିବା ପାଇଁ ପ୍ରଭୁ ଯୀଶୁ ଆଶା କରୁଛନ୍ତି । କେତେ ଆନନ୍ଦ । ଏହି ନିଆଁ ଜିହ୍ୱଗୁଡ଼ିକ ପ୍ରଭୁ ଯୀଶୁ ମନୁଷ୍ୟର ପାପ ପ୍ରାୟଶ୍ଚିତାର୍ଥେ ଝରାଇଥିବା ବହୁମୂଲ୍ୟ ରକ୍ତକୁ ମଧ ସୂଚନା

ଭାବରେ ଅଛି । ଯୀଶୁ ଅଟନ୍ତି, ଈଶ୍ୱରଙ୍କ ମେଷ ଶାବକ ଯେ ଜଗତର ପାପ ବୋହିନେଇଯାଆନ୍ତି ।

**୧୨) ଦେବଦୂତ (The angel) :** ଦେବଦୂତ ଈଶ୍ୱରଙ୍କ ବାକ୍ୟକୁ ସାଦୃଶ୍ୟ ହୋଇଅଛି । ଅପବ୍ୟୟ ବିଷୟରେ ବିଶ୍ୱାସ ରଖି, ପାପ ଭାରରେ ଶୋକ କାଳର ସ୍ତ୍ରୀ ପୁରୁଷ ମାନଙ୍କ ସହିତ ଈଶ୍ୱର କଥାବାର୍ତ୍ତା କରିବାକୁ ଆଶା କରୁଛନ୍ତି । ପ୍ରତ୍ୟେକ ଲୋକମାନେ ଅନୁତାପ ପାଇ, ଈଶ୍ୱର ଆଲୋକକୁ, ପ୍ରେମକୁ ଆପଣା ହୃଦୟ ଭିତରକୁ ଆହ୍ୱାନ କରି ସେମାନେ ଈଶ୍ୱରଙ୍କ ସହିତ ସହବାସ ପାଇବେ ।

**୧୩) କପୋତି (The dove) :** ଏହା ପବିତ୍ରାତ୍ମାକୁ ଚିହ୍ନଟ ଭାବରେ ଅଛି । ଏହି ସତ୍ୟ ସ୍ୱରୂପି ହୋଇଥିବା ପବିତ୍ର ଆତ୍ମା ଶକ୍ତି ପାପୀର ମନ୍ଦ ହୃଦୟକୁ ଧାର୍ମିକତାକୁ, ବଚାରକୁ ପ୍ରକାଶ କରୁଅଛି । ଏହି ଛାୟାଚିତ୍ରକୁ ପବିତ୍ରାତ୍ମା ବାହାରେ ଥିଲାପରି ଦେଖିପାରିବୁ ପାପ ବାସ କରିବା ସ୍ଥାନରେ, ପବିତ୍ରାତ୍ମା ସେ ସ୍ଥାନର ରହିବ ନାହିଁ ।

ଏହି ଛାୟାଚିତ୍ରର ବିବରଣ ତୁମ୍ଭ ହୃଦୟ ସ୍ଥିତିକୁ ଯଦି ପ୍ରକାଶ କଲେ, ଏବେ ହିଁ ତୁମ୍ଭ ହୃଦୟକୁ ଖୋଲି ଈଶ୍ୱରଙ୍କୁ ପ୍ରାର୍ଥନା କର । ତାହାଙ୍କ ବାକ୍ୟ ହିଁ ଉଜ୍ଜ୍ୱଳ ତୁମ୍ଭ ହୃଦୟ ଭିତରକୁ ଆସିବାକୁ ଦିଅ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ରଖ । ସେତେବେଳେ ତୁମ୍ଭେ ରକ୍ଷା ପାଇବ ଈଶ୍ୱର ତୁମ୍ଭ ପ୍ରତି ଆଶାରେ ଅଛନ୍ତି । ନୂତନ ହୃଦୟକୁ, କିପରି ଅନୁଗ୍ରହ କରିବେ ଏହି ଛାୟାଚିତ୍ରରେ ବିବରଣ ଦେଇଛନ୍ତି ।

# ଦ୍ୱିତୀୟ ଚିତ୍ର
# The Second Picture

ଏହି ଚିତ୍ର ଈଶ୍ୱରଙ୍କଠାରେ ଆସକ୍ତିରେ ରହି ତାହାଙ୍କୁ ଖୋଜିବାକୁ ଆରମ୍ଭ କରିଥିବା ଅନୁତାପ ପୂର୍ଣ୍ଣିତ ମାନବ ହୃଦୟକୁ ସୂଚନା ଭାବରେ ଅଛି । ଦେବଦୂତ ଗୋଟିଏ ହସ୍ତରେ ଖଡ୍ଗ ଧରିଛି । ଏହି ଖଡ୍ଗ ଈଶ୍ୱରଙ୍କ ବାକ୍ୟକୁ ଚିହ୍ନଟ । ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ ପୁଣି, ଦ୍ୱିଧାର ଖଡ୍ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ । (ଏବ୍ରୀ ୪:୧୨) ଈଶ୍ୱରଙ୍କ ବାକ୍ୟ ଏହାଙ୍କୁ ‘‘ପାପର ବେତନ ମୃତ୍ୟୁ ବୋଲି ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ ବୋଲି ନିୟମ କରାଯାଇଥିଲା, ତାପରେ ବିଚାର ହେବ ବୋଲି ମନ ପକାଉ ଅଛି । (ଏବ୍ରୀ ୯:୨୭) ପାପୀମାନେ, ଅବିଶ୍ୱାସୀମାାନେ ଅଗ୍ନି ଗନ୍ଧକରେ ଭର୍ତ୍ତି ହେଇଥିବା କୁଣ୍ଡରେ ପକାହେବେ । ଦେବଦୂତ ଆଉ ଗୋଟିଏ ହସ୍ତରେ ମନୁଷ୍ୟର କପାଳକୁ ଧରିଅଛି । ଆମେ କେତେ ପ୍ରେମ କରି ପୋଷଣ କରୁଥିବା ଏହି ଶରୀର ବସ୍ତ୍ର ଦେଇ, ଖାଦ୍ୟ ଦେଇ କେତେ ଶ୍ରଦ୍ଧାରେ ରକ୍ଷା କରୁଥିବା ଏହି ଶରୀର ଇଚ୍ଛା କରିଥିବା ଆଶା ସବୁ ପୂର୍ଣ୍ଣ କରିବାକୁ ଅନୁଶରଣରେ ରଖି ଚଳାଇଥିବା ଏହି ଶରୀର ଏକ ସେକେଣ୍ଡରେ ମୃତ୍ୟୁ ହୋଇ ବିନଷ୍ଟ ହେଉଅଛି । ମାତ୍ର ଆମ ଭିତରେ ଥିବା ଆମ ଆତ୍ମା ସଦାବେଳେ ଜୀବିତ ରହି ଈଶ୍ୱରଙ୍କ ବିଚାରପୀଠ ନିକଟରେ ଏକ ସମୟରେ ଠିଆ ହେବାର ଅଛି ।



## ୨. ପାପ ସ୍ୱୀକାର, ବଶୀଭୂତ ହୋଇପାରିବା ହୃଦୟ
## The convicted And Yielding Heart

ଏହି ଛାୟାଚିତ୍ରରେ ଥିବା ବ୍ୟକ୍ତି ତାହାର ପାପ ବିଷୟରେ ଅନୁତାପ କରି ଈଶ୍ୱରଙ୍କ ପ୍ରତି ପ୍ରେମରେ ତାହାଙ୍କ ହୃଦୟ ଈଶ୍ୱରଙ୍କ ପାଇଁ ଖୋଲିଥିବା ବ୍ୟକ୍ତି ଅଟେ । ପବିତ୍ରାତ୍ମା ଏହି ପାପ ହୃଦୟରେ

ଆଲୋକିତ ହେବା ଆରମ୍ଭ କଲା । ଈଶ୍ୱରଙ୍କ ଆଲୋକ, ଏହି ହୃଦୟ ପରି ମନ୍ଦିରରେ ପ୍ରବେଶ କରି ତାହା ଭିତରେ ଥିବା ପାପ ଅନ୍ଧକାରକୁ ଘୋଡ଼ାଇଦେଲା । ଈଶ୍ୱରଙ୍କ ଆଲୋକ ଆସିଲେ ଅନ୍ଧକାର ପଳାଇବାର ଅଛି । ବିଭିନ୍ନ ପ୍ରକାର ପାପକୁ ସୂଚନା ଭାବରେ ଥିବା ଜନ୍ତୁ ସବୁ ପଳାଇଲା । ପ୍ରିୟ ପାଠକ ତୁମ୍ଭ ପାପ ହୃଦୟକୁ ଆଲୋକ ଦରକାର କି ? ଜଗତର ଜ୍ୟୋତି ହେଇଥିବା ଯୀଶୁଖ୍ରୀଷ୍ଟଙ୍କୁ ଏବେ ହିଁ ତୁମ୍ଭ ଭିତରକୁ ଆସିବାକୁ ଦିଅନ୍ତୁ । ସେତେବେଳେ ତୁମ୍ଭଠାରେ ଥିବା ଅନ୍ଧକାର, କାର୍ଯ୍ୟ ବ୍ୟୟ ହେଇଯିବ । ତୁମ୍ଭଠାରେ ଥିବା ବିଭିନ୍ନ ପ୍ରକାର ପାପ ପ୍ରକୃତି ସବୁ ପଳାଇବ ମୁଁ ଜଗତର ଜ୍ୟୋତି, ଯେ ମୋହର ଅନୁଗମନ କରେ, ସେ କେବେ ହିଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ ବରଂ ଜୀବନର ଜ୍ୟୋତି ପାଇବ । (ଯୋହନ ୮:୧୨) ତୁମ୍ଭ ହୃଦୟରେ ପାପ ଅନ୍ଧକାରକୁ, ତୁମ୍ଭ ସ୍ୱନୀତି ଦ୍ୱାରା କରିବା କାର୍ଯ୍ୟ ଦ୍ୱାରା କିମ୍ବା, ନିଜ ଚେଷ୍ଟା ଦ୍ୱାରା କିମ୍ବା, ତୁମ୍ଭ ନିଜ ଜ୍ଞାନ ଦ୍ୱାରା ଯେ କୌଣସି ମନୁଷ୍ୟର ତତ୍ତ୍ୱଜ୍ଞାନ ଦ୍ୱାରା କିମ୍ବା, ଘୋଡ଼ାଇ ପାରବ ନାହିଁ । ଏହା ପାଇଁ ସହଜ, ନିଶ୍ଚୟ ହେଇଥିବା, ଶୀଘ୍ର ପ୍ରତିଫଳ ଦେବା ଅତି ଶ୍ରେଷ୍ଠ ହେଇଥିବା ପଥ, ଆଲୋକ ହେଇଥିବା ପ୍ରଭୁ ଯୀଶୁଙ୍କୁ ହୃଦୟ ଭିତରକୁ ଆହ୍ୱାନ କରିବାଟା ହିଁ । ସେତେବେଳେ ମନୁଷ୍ୟ ହୃଦୟର ଥିବା ପାପ ଅନ୍ଧକାର ଦୂର ହେଇଯିବ । ରାତ୍ରି ସମୟରେ ଚନ୍ଦ୍ର ନକ୍ଷତ୍ର ଆମ୍ଭମାନଙ୍କୁ ଆଲୋକ ଦେବ । ମାତ୍ର ସୂର୍ଯ୍ୟୋଦୟ ହେଲେ ଅନ୍ଧକାର ସବୁ ଦୂର ହେଇଯିବ । ତାହା ସଙ୍ଗରେ ସେତେବେଳେ ପର୍ଯ୍ୟନ୍ତ ଆଲୋକିତ ହେଇଥିବା ଚନ୍ଦ୍ର ନକ୍ଷତ୍ର ଆଲୋକ ବିହୀନ ହେବ । ପ୍ରଭୁ ଯୀଶୁ ପ୍ରଭୁ ଯୀଶୁ ଆଲୋକିତ

ଧାର୍ମିକ ସୂର୍ଯ୍ୟ ଅଟନ୍ତି । ଗୋଟିଏ ସମୟରେ ପ୍ରଭୁ ଯୀଶୁ ଯିରୂଶାଲମ ମନ୍ଦିର ଭିତରକୁ ପ୍ରବେଶ କରୁ କରୁ, ସେଇଠି ଥିବା ବଳଦମାନଙ୍କୁ, ମେଷମାନଙ୍କୁ, କପୋତକୁ ବିକ୍ରୟ କରୁଥିବା ମାନଙ୍କୁ ବାହାର କରିଦେଇ ମୁଦ୍ରା ବ୍ୟବସାୟୀ ମାନଙ୍କର ମେଜ ଓଲଟାଇ ପକାଇଲେ । ଆଉ ଯୀଶୁ ସେମାନଙ୍କୁ କହିଲେ, ଲେଖାଅଛି, ଆମ୍ଭର ଗୃହ ପ୍ରାର୍ଥନାର ଗୃହ ବୋଲି ପରିଚିତ ହେବ, କିନ୍ତୁ ତୁମ୍ଭେମାନେ ତାହାକୁ ଡ଼କାୟତମାନଙ୍କ ବାସସ୍ଥାନ କରୁଅଛ । (ମାଥିଉ ୨୧:୧୩) ତୁମ୍ଭ ହୃଦୟ ହିଁ ଈଶ୍ୱରଙ୍କ ଘର, ମନ୍ଦିର ହେଇଅଛି । ଈଶ୍ୱର ସେ ମନ୍ଦିରରେ ବାସ କରିବାକୁ ଆଶା କରୁଅଛନ୍ତି । ତାହାକୁ ପବିତ୍ର କରି ତାହାଙ୍କ ଆଲୋକ ଦ୍ୱାରା, ପ୍ରେମ ଦ୍ୱାରା, ଆନନ୍ଦ ଦ୍ୱାରା ପୂର୍ଣ୍ଣ କରିବାକୁ ଆଶା କରୁଛନ୍ତି । ପ୍ରଭୁ ଯୀଶୁ ଆମ ପାପ କ୍ଷମା କରିବା ଈଶ୍ୱର ମାତ୍ର ନୁହେଁ, ପାପରୁ ପାପ ଶକ୍ତିରୁ ଉଧାର କରିବା ଈଶ୍ୱର ଅଟନ୍ତି । ପୁତ୍ର (ଯୀଶୁ) ଯଦି ତୁମ୍ଭମାନଙ୍କୁ ମୁକ୍ତ କରିବେ, ତାହା ହେଲେ ତୁମ୍ଭେମାନେ ପ୍ରକୃତରେ ମୁକ୍ତ ହେବ । (ଯୋହନ ୮:୩୬) ।

# ତୃତୀୟ ଚିତ୍ର
# The Third Picture

ଏହି ତୃତୀୟ ଚିତ୍ର ସତ୍ୟରେ ମନ ପରିବର୍ତ୍ତନ କରିଥିବା ପାପୀଙ୍କ ହୃଦୟ ସ୍ଥିତିକୁ ଦେଖାଉଅଛି । ଏବେ ତାହାଙ୍କ ପ୍ରାଚୀନ ଜୀବନରେ ଭୟଙ୍କର ପାପକୁ, ପରିତ୍ରାଣକର୍ତ୍ତା ଖ୍ରୀଷ୍ଟ ସେ ପାପ ନିମନ୍ତେ କ୍ରୁଶରେ ମୃତ୍ୟୁବରଣ କରିଥିବା ସେ ରୀତିକୁ ଜାଣିପାରୁଛି ।

ଦେବଦୂତ ତାହାଙ୍କ କ୍ରୁଶକୁ, ଈଶ୍ୱରଙ୍କ ବାକ୍ୟକୁ ପ୍ରକାଶ କରୁଥିବା ବେଳେ, ତାହାଙ୍କ ହୃଦୟରେ ଯନ୍ତ୍ରଣା ବାହାରିଯାଇ, ସେ କରିଥିବା ପାପ ବିଷୟରେ ବହୁତ ଯନ୍ତ୍ରଣା ପାଇ ଦୁଃଖ କରୁଅଛି । ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ପ୍ରକାଶ କରାଯାଇଥିବା ଈଶ୍ୱରଙ୍କ ମହାଉନ୍ନତ ପ୍ରେମକୁ ଚିନ୍ତା କରି, କରି, ତାହାଙ୍କ ହୃଦୟ ତରଳିଯିବା ପରି ଅନୁତପ୍ତ ହେଲା । ଈଶ୍ୱରଙ୍କ ମହାନ ପ୍ରେମ ଦ୍ୱାରା ତାହାଙ୍କର ଭୟଙ୍କର ପାପ କିପରି କ୍ଷମା ହେଇଅଛି । ସେ ଜାଣିପାରିଲା ତ୍ରାଣକର୍ତ୍ତା ଦ୍ୱାରା ତାହାଙ୍କ ଦଣ୍ଡ ଦୂର ହୋଇଯିବାରୁ, ତାହାଙ୍କ ପାପକୁ ବଦଳରେ ପ୍ରଭୁ ଯୀଶୁଖ୍ରୀଷ୍ଟ ସତ୍ୟରେ ମୋ ପାପ ନିମନ୍ତେ ଆଘାତ ପ୍ରାପ୍ତ ହୋଇ, ମସ୍ତିଷ୍କରେ କଣ୍ଟା ମୁକୁଟଧାରଣ କରାଯାଇ ପାଦ, ହସ୍ତରେ କଣ୍ଟା ବାଡ଼ାଯାଇ, କ୍ରୁଶରେ ମୃତ୍ୟୁବରଣ କଲେ । ଏହି ସତ୍ୟକୁ ପରିବର୍ତ୍ତନ ପାଇଥିବା ହୃଦୟ ହିଁ ବିଶୁଦ୍ଧ ଭାବରେ, ଗଭୀର ଭାବରେ ଜାଣିପାରୁଅଛି । ଏହିପରି ଲୋକ ବାକ୍ୟ ପଢୁଥିବା ବେଳେ ସେ ନିଜକୁ ନିଜେ ଦର୍ପଣରେ ଦେଖିପାରିବେ ପରି ବିଶୁଦ୍ଧ ଭାବରେ ଦେଖିପାରିବ । ସେଥିକି ମାତ୍ର ନୁହେଁ ସେ ଗତ କାଳରେ ଈଶ୍ୱରଙ୍କୁ କେତେ ଦୂର ହେଲା, ଈଶ୍ୱରଙ୍କ ଆଜ୍ଞାକୁ ବିରୁଦ୍ଧରେ ସେ କିପରି ବ୍ୟବହାର କଲା ତାହା ସେ ଜାଣିପାରିବ । ଈଶ୍ୱରଙ୍କ ଇଚ୍ଛାନୁସାରେ ହୋଇଥିବା ଦୁଃଖ ଦ୍ୱାରା ତାହାଙ୍କ ହୃଦୟ ପୂର୍ଣ୍ଣିତ ହୋଇ ତାହାଙ୍କ ଭଗ୍ନ ଓ ଚୂର୍ଣ୍ଣ ହୃଦୟକୁ ଈଶ୍ୱରଙ୍କ ଉପସ୍ଥିତିରେ ଢ଼ାଳି ଦିଏ । ଅଶ୍ରୁଜଳରେ କରୁଣାମୟ ଯୀଶୁଙ୍କୁ ପ୍ରାର୍ଥନା କରୁ କରୁ ଈଶ୍ୱରଙ୍କ ପ୍ରେମ, ଶାନ୍ତି ତାହାଙ୍କ ହୃଦୟରେ ସ୍ଥିର ଭାବରେ ରହିବାରୁ ।



# ମନ ପରିବର୍ତ୍ତନ ପାଇଥିବା ହୃଦୟ
# The Repenting Heart

ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ । (୧ ଯୋହନ ୧:୭) ବୋଲି ପଦର ଅର୍ଥ ତାହାଙ୍କୁ ପ୍ରକାଶ କରାଯିବ । ସଦାପ୍ରଭୁ ଭଗ୍ନାନ୍ତଃକରଣମାନଙ୍କର ନିକଟବର୍ତ୍ତୀ ଅଟନ୍ତି ଓ ସେ ଚୂର୍ଣ୍ଣମନା ମାନଙ୍କୁ ତ୍ରାଣ କରନ୍ତି । (ଗୀତସଂହିତା

୩୪:୧୮) ଏହି ଲୋକ ପ୍ରତି, ଅର୍ଥାତ୍, ଯେଉଁ ଲୋକ ଦୁଃଖୀ, ଚୂର୍ଣ୍ଣମନା ଓ ଯେ ଆମ୍ଭ ବାକ୍ୟରେ କମ୍ପମନା ହୁଏ, ତାହା ପ୍ରତି ଆମ୍ଭେ ଦୃଷ୍ଟିପାତ କରିବା । (ଯିଶାଇୟ ୬୬:୨) ବୋଲି ପଦ ମଧ୍ଯ ତାହାଙ୍କୁ ବର୍ତ୍ତିବ । ପବିତ୍ରାମ୍ା ତାହାଙ୍କ କାନରେ ଧୀରେ ଯୀଶୁ କହିଥିବା "ମୋ ପୁତ୍ର (କନ୍ୟା) ତୁମ୍ଭ ପାପ କ୍ଷମା କରାଯାଇଅଛି । ଆନନ୍ଦ କର" ବୋଲି କଥା ଶୁଣାଅ । ସେ ସଦାବେଳେ କ୍ରୁଶକୁ ଧ୍ୟାନ କରୁ କରୁ ତାହାଙ୍କ ପାପ ନିମନ୍ତେ ଯୀଶୁ କିପରି ରକ୍ତ ଝରାଇଲେ ତାହା ସ୍ମରଣ କରିବେ । ତାହାଙ୍କ ପାପ ଭାର ସବୁ ପ୍ରଭୁ ଯୀଶୁ ବହିଥିବାରୁ, ସେ ତାହାଙ୍କ ପାପ ଭାରରୁ ମୁକ୍ତ ହେଲା । ତାହାଙ୍କ ଯାତନା, ଦୁଃଖ ଅନ୍ତର୍ଧନା ହେଲା । ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନାସବୁ ଧାରଣ କରିଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବହନ କରିଅଛନ୍ତି । ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ । ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହରରେ ଆମ୍ଭେମାନେ ସୁସ୍ଥ ହେଲୁ । ଆମ୍ଭମାନେ ସମସ୍ତେ ମେଷଗଣ ତୁଲ୍ୟ ବିପଥଗାମୀ ହୋଇଅଛୁ, ଆମ୍ଭେମାନେ ପ୍ରତ୍ୟେକେ ଆପଣା ଆପଣା ବାଟଆଡ଼େ ଫେରିଅଛୁ, ଆଉ ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରି ବର୍ତ୍ତାଇଅଛନ୍ତି । (ଯିଶାଇୟ ୫୩:୪-୬)

ଶୁଦ୍ଧି କରାଯାଇଥିବା ହୃଦୟକୁ ପବିତ୍ରାମ୍ା ଆହୁରି ଈଶ୍ୱରଙ୍କ ପ୍ରେମ ହସ୍ତଗତ କରିବ । ସେହିପରି ହୃଦୟ ତାହାଙ୍କୁ ସେହିପରି

ମହାଭାଗ୍ୟକୁ ଅନୁଗ୍ରହ କରିଥିବା ଯୀଶୁ ରକ୍ଷକକୁ, ସେ ଝରାଇଥିବା ବହୁମୂଲ୍ୟ ରକ୍ତକୁ ବିଶ୍ୱାସରେ ସ୍ମରଣ କରୁଥାଏ । ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । (ଯୋହନ ୩:୧୬) ତାହାଙ୍କ ଅନୁଗ୍ରହ ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି ଅର୍ଥାତ୍ ଅପରାଧ ସବୁରୁ କ୍ଷମା ପ୍ରାପ୍ତ ହୋଇଅଛୁ । (ଏଫିସ ୧:୭) ଗତ କାଳରେ ଶରୀର ମନ୍ଦ ଇଚ୍ଛା ସବୁ ଏହି ହୃଦୟକୁ ହେବ । ଜଗତ ତାହାର ଆଶା ବ୍ୟୟ ହେଇଯାଇ, ଦୈବ୍ୟ ସମ୍ବନ୍ଧ ହେଇଥିବା ଇଚ୍ଛା ହିଁ ଏହି ହୃଦୟରେ ଆଲୋକିତ ହେବ । ଏହି ତୃତୀୟ ଚିତ୍ରରେ ବିଭିନ୍ନ ପ୍ରକାର ପାପକୁ ସାଦୃଶ୍ୟ ହୋଇଥିବା ଜନ୍ତୁମାନେ ହୃଦୟରୁ ବାହାରକୁ ତଡ଼ି ଦେଉଛି ମାତ୍ର ଶୟତାନ ତାହାର ପ୍ରାଚୀନ ସ୍ଥାନକୁ ଭୁଲି ନ ପାରି ସେ ହୃଦୟରେ ପୁନର୍ବାର ପ୍ରବେଶ କରିବାକୁ ସୁଯୋଗ ମିଳେ ବୋଲି ଆଶା କରୁଅଛି । ସେଥିପାଇଁ ପ୍ରଭୁ ଯୀଶୁ ତୁମ୍ଭେମାନେ ସାବଧାନ ହୋଇଥାଅ ଜାଗି ରହି ପ୍ରାର୍ଥନା କରନ୍ତୁ ବୋଲି ସେ ଆମ୍ଭମାନଙ୍କୁ ସତର୍କବାଣି କହିଛନ୍ତି । ଶୟତାନକୁ ପ୍ରତିବାଦ କର ତାହା ହେଲେ ସେ ତୁମ୍ଭମାନଙ୍କଠାରୁ ପଳାଇବ । ସାବଧାନ ନ ରହିଲେ ସେ ପୁନର୍ବାର କାଳେ ପ୍ରବେଶ କରିପାରେ ।


# ଚତୁର୍ଥ ଚିତ୍ର
# The Fourth Picture

ଖ୍ରୀଷ୍ଟପ୍ରଭୁଙ୍କ ମହାତ୍ୟାଗ ଦ୍ୱାରା ସମ୍ପୂର୍ଣ୍ଣ ଶାନ୍ତି, ମୋଚନ ପାଇଥିବା ଖ୍ରିଷ୍ଟିୟାନର ହୃଦୟସ୍ଥିତି ଏହି ଚତୁର୍ଥ ଚିତ୍ର ସୂଚନା ଦେଉଅଛି । ଏହିପରି ହୃଦୟ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିନା ଆଉ

କାହାଠାରେ ଦର୍ପ କରିବେ ନାହିଁ । ଏହା ଦ୍ୱାରା ଏହି ବ୍ୟକ୍ତି ଜଗତକୁ, ଜଗତ ଏହି ବ୍ୟକ୍ତିଙ୍କୁ କ୍ରୁଶ ପକାଇଥାଏ । (ଗୋଲତୀ ୬:୧୪) କିନ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର କ୍ରୁଶ ବ୍ୟତୀତ ଆଉ କାହିଁରେ ଦର୍ପ କରିବା ମୋ' ଠାରୁ ଦୂରେ ଥାଉ, ତାହାଙ୍କ ଦ୍ୱାରା ଜଗତ ମୋ' ପ୍ରତି ମୁଁ ଜଗତ ପ୍ରତି କ୍ରୁଶରେ ହତ ହୋଇଅଛି । ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନ ଯାପନ କରୁ, ଏଥି ନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ । (୧ ପିତର ୨:୨୪) ଖ୍ରୀଷ୍ଟିୟାନ ଜଗତ ବିଷୟରେ ମୃତ୍ୟୁବରଣ କରିବାର ଅଛି । ମାନେ ଜଗତ ଇଚ୍ଛା ଜାରି କରିବା ବିଷୟରେ ମୃତ୍ୟୁ ହେଇଥିବା ବ୍ୟକ୍ତି ପରି ରହିବାର ଅଛି । ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷପୂର୍ଣ୍ଣ କରିବ ନାହିଁ (ଗୋଲାତୀ ୫:୧୫-୨୫)

ଏହି ଚିତ୍ରରେ ପ୍ରଭୁ ଯୀଶୁ କ୍ରୁଶରେ କଣ୍ଟା ଦ୍ୱାରା ବନ୍ଧନ ହୋଇ ଝୁଲିବା ଦେଖୁଅଛୁ । ତାହାଙ୍କ ବସ୍ତ୍ର ବଳପୂର୍ବକ ଭାବରେ ନିଆଯାଇଅଛି । ତାହାଙ୍କ ଶରୀର ସବୁ କୋରଡ଼ା ପ୍ରହାର ଦ୍ୱାରା ଆଘାତ କରାଯାଇଥିଲା । ଆମ୍ଭମାନଙ୍କ ପାପ ନିମନ୍ତେ ସେ ଅନେକ ରୀତିରେ ତାଡ଼ନାପ୍ରାପ୍ତ ହୋଇଥିଲେ ଆମ୍ଭେ କରିଥିବା ଲଜ୍ଜିତ ପାପ ବିଷୟରେ ତାହାଙ୍କ ମୁହଁରେ ଛେପ ପକାହେଇ ପରିହାସ କରାଗଲା । ହେରୋଧ ତାହାଙ୍କ ଲୋକମାନେ ତାଙ୍କୁ ପରିହାସ କଲେ । ତାଙ୍କୁ ଅନେକ ରୀତିରେ ତାଡ଼ନା କଲାପରେ ତାଙ୍କ ମସ୍ତିଷ୍କ ଉପରେ ସ୍ୱର୍ଣ୍ଣ ମୁକୁଟକୁ ବଦଳରେ କଣ୍ଟା ମୁକୁଟକୁ ତାଙ୍କ ଦକ୍ଷିଣ ହସ୍ତକୁ ରାଜଦଣ୍ଡକୁ

ବଦଳରେ ନଳ ଦେଇ ତାଙ୍କ ନିକଟରେ କପଟରେ ହେ ଯିହୂଦୀମାନଙ୍କ ରାଜା, ନମସ୍କାର ଏହା କହି ତାଙ୍କୁ ପରିହାସ କଲେ । ଘେନି ମୁଣ୍ଡରେ ଆଘାତ କଲେ । ଅନେକ ରୀତିରେ ପ୍ରଭୁଙ୍କୁ ତାଡ଼ନା ଦେଇ ଶେଷକୁ ତାଙ୍କୁ କ୍ରୁଶ ପକାଇଲେ ।




# ୪. ଖ୍ରୀଷ୍ଟଙ୍କ ସହିତ କ୍ରୁଶ ପକାହେବା
# Crusified with christ

ଅନେକ ଖ୍ରୀଷ୍ଟିୟାନମାନେ ଗୀର୍ଜାକୁ ଯାଇ ପ୍ରଭୁ ରାତ୍ରି ଭୋଜନ ସଂସ୍କାର ଆଚରଣ କରୁ କରୁ, ଗୀତ ଗାଇ ବାହାରକୁ

ଭକ୍ତ ପରି ଜୀବନଯାପନ କରି, ପାପ ଦାସତ୍ୱରୁ ସଂପୂର୍ଣ୍ଣ ଭାବରେ ମୁକ୍ତ ନ ହୋଇ କାଳ ବିତେଇବା ସ୍ଥିତିରେ ରହିବେ । ସେହିପରି ଲୋକମାନେ ପ୍ରଭୁଙ୍କୁ ପୁନର୍ବାର କ୍ରୁଶ ପକାଇ ତାହାଙ୍କ ଆଘାତକୁ ବାଧା ଦେଉଅଛି ବୋଲି ଜାଣିବାର ଅଛି । ମୋତେ ପ୍ରଭୁ, ପ୍ରଭୁ ବୋଲି ଡ଼ାକନ୍ତି, ଏପରି ପ୍ରତ୍ୟେକେ ସ୍ୱର୍ଗରାଜ୍ୟର ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । (ମାଥିଉ ୭:୨୧-୨୭)

ଈଶ୍ୱରଙ୍କ ଦ୍ୱାରା ସର୍ବ ସୁବିଧା ସବୁ ସମ୍ପତ୍ତି ପାଇବା ପାଇଁ ପ୍ରତ୍ୟେକ ମନୁଷ୍ୟ ଆଶା କରିବା ସହଜ । ପବନ, ଆଲୋକ, ବର୍ଷା ଆହୁରି କେତେ ପାଇବାକୁ ମନୁଷ୍ୟ ଈଶ୍ୱରଙ୍କ ପ୍ରତି ଦେଖିବ । ମାତ୍ର ତାହାଙ୍କ ଇଚ୍ଛାକୁ ବଶୀଭୂତ ହେବନାହିଁ । ତାହାଙ୍କ ଜୀବନ ଈଶ୍ୱରଙ୍କୁ ସମର୍ପଣ କରିପାରିବ ନାହିଁ । କେତେକଙ୍କୁ ଅଭାବ ସମସ୍ୟା ଆସିଲା ବେଳେ ମାତ୍ର ହିଁ ଈଶ୍ୱର ମନେ ପଡ଼ିବେ ଅତିରକ୍ତି ସମୟରେ ଈଶ୍ୱରଙ୍କ ଚିନ୍ତା ବିଲକୁଲ ଦେଖାଯିବ ନାହିଁ ।

ଏହି ଚିତ୍ରରେ ବର୍ଚ୍ଛା ମଧ ଅଛି ସେହି ବର୍ଚ୍ଛାରେ ଜଣେ ସୈନିକ କ୍ରୁଶରେ ଝୁଲୁଥିବା ଯୀଶୁଙ୍କ କକ୍ଷଦେଶ ବିନ୍ଧିଲା, ଆଉ ତତ୍କ୍ଷଣାତ୍ ରକ୍ତ ଓ ଜଳ ବାହାର ହେଲା । (ଯୋହନ ୧୯:୩୩-୩୭) କୁକୁଡ଼ା ପିତରକୁ ସ୍ମରଣ କରାଉଅଛି । କୁକୁଡ଼ା ଡ଼ାକିବା ପୂର୍ବେ ପିତର ଯୀଶୁଙ୍କୁ ଜାଣିନାହିଁ ବୋଲି ମିଥ୍ୟା କହିଲା । ତାପରେ ଅନୁତାପରେ ଅଶ୍ରୁ ଝରାଇଲା । ପ୍ରିୟ ବନ୍ଧୁ ! ତୁମ୍ଭେ ପ୍ରଭୁଙ୍କୁ ତୁମ୍ଭ କଥା ଦ୍ୱାରା କ୍ରିୟା ଦ୍ୱାରା ସମ୍ମତି ହୋଇ ତାହାଙ୍କ ଉପସ୍ଥିତିରେ ଅନୁତାପ କଲୁ କି ? ବା ମନୁଷ୍ୟ ମାନଙ୍କ ନିକଟରେ ଯୀଶୁଙ୍କ ସ୍ୱୀକାର କରିବାକୁ ଲଜ୍ଜା


ପଡୁଛୁ କି ? ଯେ କେହି ଲୋକଙ୍କ ଆଗରେ ମୋତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ଆଗରେ ତାହାକୁ ଅସ୍ୱୀକାର କରିବି । (ମାଥିଉ ୧୦:୩୨-୩୩) ବୋଲି ''ଆଉ ଯେ ଆପଣା କ୍ରୁଶ ନେଇ ମୋହର ଅନୁଗମନ ନକରେ, ସେ ମୋହର ଯୋଗ୍ୟ ନୁହେଁ । ସଦୃଶ୍ୟ (ମାଥିଉ ୧୦:୩୮) ବୋଲି ପ୍ରଭୁ ଖଣ୍ଡିତ ଭାବରେ କହିଥିଲେ । ପରିତ୍ରାଣ ସଦୃଶ୍ୟ ଶୈଳ ହେଇଥିବା ଖ୍ରୀଷ୍ଟଙ୍କ ଉପସ୍ଥିତିରେ ରହିବାମାନେ ଧନ୍ୟ ।

# ପଞ୍ଚମ ଚିତ୍ର
# The Fifth Picture

ଏହି ଚିତ୍ର ଈଶ୍ୱରଙ୍କ ଅପାର ଅନୁଗ୍ରହ କରୁଣା ଦ୍ୱାରା ସୂଚି କରାଯାଇଅଛି, ମୋଚନ ପାଇଥିବା ହୃଦୟ ସ୍ଥିତିକୁ ପ୍ରକାଶ କରୁଅଛି । ଏହିପରି ହୃଦୟ ହିଁ ଈଶ୍ୱରଙ୍କ ନିବାସ ଯୋଗ୍ୟ ହୋଇଅଛି ପିତା, ପୁତ୍ର ପବିତ୍ରାତ୍ମାକୁ ନିଳୟ ହୋଇ ରହିଅଛି । ମୁଁ ଯେ ଯାଉଅଛି ଓ ତୁମ୍ଭମାନଙ୍କ ନିକଟକୁ ପୁଣି, ଆସୁଅଛି, ମୋହର ଏହି କଥା ତ ଶୁଣିଅଛ । ଯଦି ତୁମ୍ଭେମାନେ ମୋତେ ପ୍ରେମ କରୁଥାଅନ୍ତ, ତାହା ହେଲେ ମୁଁ ମୋହର ପିତାଙ୍କ ନିକଟକୁ ଯାଉଅଛି ବୋଲି ଆନନ୍ଦ କରିଥାଆନ୍ତୁ କାରଣ ପିତା ମୋ'ଠାରେ ମହାନ (ଯୋହନ ୧୪:୨୮) ସେ ଶାସନକର୍ତ୍ତାମାନଙ୍କୁ ସିଂହାସନରୁ ବାହାର କରିଅଛନ୍ତି, ଦୀନହୀନମାନଙ୍କୁ ଉଠାଇଅଛନ୍ତି । (ଲୂକ ୧:୫୨)

ବର୍ତ୍ତମାନ ଏହି ହୃଦୟ ସତ୍ୟରେ ଈଶ୍ୱରଙ୍କ ମନ୍ଦିର ହେଇଅଛି ପାପକୁ ଦୂର କରନ୍ତୁ । ବିଭିନ୍ନ ପାପକୁ ସାଦୃଶ୍ୟ ଭାବରେ ଥିବା

ଜନ୍ତୁମାନେ, ଅସତ୍ୟକୁ ଜଣକ ହୋଇଥିବା ଶୟତାନ ଦୂର କରାଯାଇଅଛି । ଏହି ହୃଦୟ ସତ୍ୟ ସ୍ୱରୂପି ହେଇଥିବା ପବିତ୍ରାତ୍ମାକୁ ନିଲୟ ହେଇଅଛି । ଘୃଣା ଯୋଗ୍ୟ ହେଇଥିବା ପାପର ଶଯ୍ୟାକୁ ବଦଳରେ ପବିତ୍ରାତ୍ମା ଫଳ ଦ୍ୱାରା ଏହି ହୃଦୟ କେତେ ସୁନ୍ଦର ଭାବରେ ଦେଖାଯଉଛି । ଆତ୍ମ ଫଳ ହୋଇଥିବା ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ, ବୋଲି ବିଷୟ ହୃଦୟରେ ଫଳପ୍ରାପ୍ତ ହେଇଅଛି । ମାନେ ଏହି ମନୁଷ୍ୟ ମୁଁ ପ୍ରକୃତ ଦ୍ରାକ୍ଷାଲତା ହୋଇ ଖ୍ରୀଷ୍ଟ ଯୀଶୁଙ୍କ ଫଳ ଫଳିବା ଶାଖା ଭାବରେ ଅଛି । ଏହି ବ୍ୟକ୍ତି ଏହିପରି ଫଳ ଫଳିବାର ରହସ୍ୟ ଏକ ହିଁ ଖ୍ରୀଷ୍ଟଙ୍କ ସହିତ ସେ ଏହାଙ୍କଠାରେ ଖ୍ରୀଷ୍ଟ ବାସ କରୁଛନ୍ତି । (ଯୋହନ ୧୫:୧-୧୦) ଏହି ବ୍ୟକ୍ତି ପବିତ୍ରାତ୍ମା ଦ୍ୱାରା ପୂର୍ଣ୍ଣିତ ହୋଇ, ପବିତ୍ରାତ୍ମା ବାପ୍ତିସ୍ମ ପାଇଥିବାରୁ, ଶରୀର ଇଚ୍ଛା ସବୁକୁ ଜୟକରି ପ୍ରାଚୀନ ପୁରୁଷଙ୍କୁ ଗୌରବକୁ ନାଶ କଲା । ପବିତ୍ରାତ୍ମା ଶକ୍ତିଦ୍ୱାରା ସେ ଆତ୍ମିକ ଜୀବନ ଯାପନ କରି ପାରୁଅଛି । ଶରୀର ଇଚ୍ଛାକୁ ସେ ଆଉ ବଶୀଭୂତ ହୋଇପାରିବ ନାହିଁ । ସେ ଦେଖିବା, ଶୁଣିବା, ଚନ୍ତା କରିବା ଆହୁରି ଯେ କୌଣସି ବିଶ୍ୱାସ ସମ୍ବନ୍ଧ ହୋଇ ରହି, ଜଗତ ଉପରେ ଜୟ ପାଇବେ ।




# ୫. ଈଶ୍ୱରଙ୍କ ମନ୍ଦିର
# THE TEMPLE OF GOD

ସେ ଏକ ନିଶ୍ଚୟ ହୋଇଥିବା, ଭରୋସା ରଖି ପରିତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ଦ୍ୱିତୀୟ ଆଗମନ ନିମନ୍ତେ ପ୍ରସ୍ତୁତ ହୋଇ ରହିବ । ନିରନ୍ତର ଚଳାଉଥିବା ଖ୍ରୀଷ୍ଟଙ୍କ ପ୍ରେମରେ ସେ ସ୍ଥିର ଭାବରେ ଜୀବନ ଯାପନ କରିବ । ଶୁଦ୍ଧଚିତ୍ତ ଲୋକ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ

Bible Mission HQ Guntur

ଦର୍ଶନ ପାଇବେ । (ମାଥିଉ ୫:୮) ସର୍ବସମ୍ପତ୍ତି ପାଇଥିବା, ବହୁତ ଶକ୍ତିପୂର୍ଣ୍ଣ ସାମ୍ରାଜ୍ୟକୁ ଶାସନ କରିଥିବା ଦାଉଦ ମହାରାଜା ଈଶ୍ୱରଙ୍କ ନିକଟରେ ନମ୍ର ହୋଇ ''ହେ ପରମେଶ୍ୱର, ମୋ' ଅନ୍ତରରେ ସୁଚି ଅନ୍ତଃକରଣ ସୃଷ୍ଟି କର ଓ ମୋ' ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର'' । (ଗୀତସଂହିତା ୫୧:୧୦) ବୋଲି ପ୍ରାର୍ଥନା କଲା । କେହି ମଧ୍ୟ ନିଜକୁ ନିଜେ ତାହାଙ୍କ ହୃଦୟକୁ ସୃଷ୍ଟି କରିପାରିବ ନାହିଁ । ଦାଉଦ ରାଜା ପରି ଭଗ୍ନ ଓ ଚୂର୍ଣ୍ଣ ଅନ୍ତଃକରଣ ସହିତ ଅନୁତାପରେ ଈଶ୍ୱରଙ୍କ ଉପସ୍ଥିତିକୁ ନିକଟବର୍ତ୍ତୀ ହେବ ହୃଦୟକୁ ମାତ୍ର ହିଁ ଶୁଦ୍ଧି କରାଯିବ । ନୂତନ କରାଯିବ । ଈଶ୍ୱର ତୁମ୍ଭ ନିମନ୍ତେ ଏକ ନୂତନ କାର୍ଯ୍ୟ କରିବାକୁ ଆଶା କରୁଅଛି । ତୁମ୍ଭ ସ୍ୱନୀତି ବୋଲି ମଇଳା ବସ୍ତ୍ରର ପଟ ତୁମ୍ଭ ହୃଦୟକୁ କେତେ ମାତ୍ର ସୁଚି କରିପାରିବ ନାହିଁ । ବ୍ୟର୍ଥ ହୋଇଥିବା - ଜପ ତପ ଦ୍ୱାରା ପାପ ହୃଦୟ ପବିତ୍ର କରାଯିବ ନାହିଁ । ପବିତ୍ର ଈଶ୍ୱର ହିଁ ତୁମ୍ଭର ସାହାଯ୍ୟକାରୀ ସେ ଏହିପରି ପ୍ରତିଜ୍ଞା କରିଛନ୍ତି । ପୁଣି, ଆମ୍ଭେ ତୁମ୍ଭମାନଙ୍କୁ ଉପରେ ଶୁଚି ଜଳଛିଞ୍ଚିବା, ତହିଁରେ ତୁମ୍ଭେମାନେ ସୁଚି ହେବେ, ତୁମ୍ଭମାନଙ୍କର ସବୁ ଅଶୌଚରୁ ଓ ତୁମ୍ଭମାନଙ୍କର ସକଳ ପ୍ରତିମାଗଣଠାରୁ ଆମ୍ଭେ ତୁମ୍ଭମାନଙ୍କୁ ସୁଚି କରିବା । ଆହୁରି, ଆମ୍ଭେ ତୁମ୍ଭମାନଙ୍କୁ ଏକ ନୂତନ ହୃଦୟ ଦେବା ଓ ଆମ୍ଭେ ତୁମ୍ଭମାନଙ୍କ ଅନ୍ତରରେ ଏକ ନୂତନ ଆତ୍ମା ସ୍ଥାପନ କରିବା, ଆଉ, ଆମ୍ଭେ ତୁମ୍ଭମାନଙ୍କ ମାଂସ ମଧ୍ୟରୁ ପ୍ରସ୍ତରମୟ ହୃଦୟ କାଢ଼ି ନେବା ଓ ଆମ୍ଭେ ତୁମ୍ଭମାନଙ୍କୁ ମାଂସ ମୟ ହୃଦୟ ଦେବା । (ଯିହିଜିକଲ ୩୬:୨୫-୨୭) ଏହି ପ୍ରତିଜ୍ଞା ନୂତନ ନିୟମ କାଳରେ ଖ୍ରୀଷ୍ଟପ୍ରଭୁ ରକ୍ତ ଢ଼ାଳିବା ଦ୍ୱାରା ଈଶ୍ୱର ସଫଳ କରିଛନ୍ତି ।

ଏହି ଚିତ୍ରରେ ଦେବଦୂତଙ୍କୁ ଦର୍ଶନ ପୁନର୍ବାର ଦେଖା ଯାଉଅଛି । ନିତ୍ୟ ଜୀବନରେ ପ୍ରବେଶ କରିବାକୁ ଇଚ୍ଛା କରୁଥିବା ମାନଙ୍କୁ ପରିଚର୍ଯ୍ୟ କରିବାକୁ ସାହାଯ୍ୟ କରିବାକୁ ଦେବ ଦୂତମାନେ ନିଯୁକ୍ତି କରାଯିବେ । ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି, ତାହାଙ୍କର ଦୂତ ସେମାନଙ୍କ ଚାରିଆଡ଼େ ଛାଉଣୀ କରି ସେମାନଙ୍କୁ ଉଦ୍ଧାର କରନ୍ତି । (ଗୀତସଂହିତା ୩୪:୭, ଗୀତସଂହିତା ୯୧:୧୧, ଦାନିୟେଲ ୬:୨୨, ମାଥିଉ ୨:୧୩, ମାଥିଉ ୧୩:୧୯, ମାଥିଉ ୧୮:୧୦, ପ୍ରେରିତ ୧୫:୧୯, ୧୨:୭-୧୦, ପଦ ମଧ୍ୟ ପଢ଼ନ୍ତୁ ।


ଶୟତାନ ମଧ୍ୟ ଏହି ଚିତ୍ରରେ ଗୋଟେ ପଟେ ହୃଦୟକୁ ନିକଟବର୍ତ୍ତୀ ଥିଲାପରି ଦେଖିପାରୁଛୁ । ସେ ଏଥି ପୂର୍ବରେ ଛାଡ଼ିଦେଇଥିବା ସ୍ଥାନରେ ପୁନର୍ବାର ପ୍ରବେଶ କରିବାକୁ ବେଳ ମିଳିବ ବୋଲି ଅପେକ୍ଷା କରୁଅଛି । ତେଣୁ ଆମ୍ଭେମାନେ ଜାଗ୍ରତ ରହି ପ୍ରାର୍ଥନା କରିବାର ଅଛି । ସଚେତନ ହୋଇ ଜାଗ୍ରତ ରୁହ ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହ ପ୍ରାୟ ଗର୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି । (୧ ପିତର ୫:୭) ବାରମ୍ବାର ଶୟତାନ ଉଜ୍ଜ୍ୱଳିତ ଦୂତ ପରି ବେଶ ଧାରଣ କରି ସତର୍କରେ ନଥିବା ପବିତ୍ର ଜଣଙ୍କୁ ଜାଗତିକ ଇଚ୍ଛା ଦେଖାଇ ଯେମିତି ହେଲେ ହେଁ ସେମାନଙ୍କୁ ଦାସ ଭାବରେ କରି ରହିଥାଏ । ତେଣୁ ଆମ୍ଭେମାନେ ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଦ କର, ତାହା ହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ । (ଯାକୁବ ୪:୭)

# ଷଷ୍ଠ ଚିତ୍ର
# The Sixth Picture

ପବିତ୍ର ଜୀବନକୁ ଅନୁଭବ କରି ପୁନର୍ବାର ପଛକୁ ଫେରିଥିବା ମନୁଷ୍ୟର ହୃଦୟ ସ୍ଥିତିକୁ ଏହି ଚିତ୍ର ପ୍ରକାଶ କରୁଅଛି । ଏହି ବ୍ୟକ୍ତିର ଗୋଟିଏ ଆଖି ବନ୍ଦ ହେଉଛି ବୋଲି ଜଣାଯାଉଛି । ଏହି ବ୍ୟକ୍ତି ତାହାଙ୍କ ପ୍ରାର୍ଥନା ଜୀବନରେ ଶୀତଳ ହୋଇ, ଢୁଳାଇ ଢୁଳାଇ ପଡୁଥିବା, ଖ୍ରୀଷ୍ଟୀୟ ଜୀବନକୁ ଜୀବନ ଯାପନ କରୁଛନ୍ତି । ଦ୍ୱିତୀୟ ଆଖି ଲଜ୍ଜାହୀନ ହୋଇ ଏପଟେ ସେପଟେ ଦେଖୁଅଛି । ତାହା ଜାଗତିକ ଇଚ୍ଛା ପାଇଁ ଖୋଜୁଅଛି । ତା ପୂର୍ବରୁ ତାହାଙ୍କ ହୃଦୟରେ ଥିବା ଆଲୋକ ଦୂର ହୋଇ ଧୀରେ ଧୀରେ ଅନ୍ଧକାର ଆବରିବ । ଖ୍ରୀଷ୍ଟଙ୍କ ନିମନ୍ତେ ନିନ୍ଦା, ଦୁଃଖଭୋଗ ବହନ କରିବାକୁ । ତାହାଙ୍କଠାରେ ବିଶ୍ୱାସରେ ଜୀବନ ଯାପନ କରିବାକୁ ଯଥେଷ୍ଟ ମନ ନ ଥିବାରୁ ଏହି ଅନ୍ଧକାର ଏହି ବ୍ୟକ୍ତି ହୃଦୟକୁ ଆବରଣ କରୁଅଛି । ସେ ଅନେକ ପ୍ରଲୋଭନ ଦ୍ୱାରା ପ୍ରଲୋଭିତ ହେଉ ହେଉ, ତାହାଙ୍କୁ ପ୍ରତିବାଦ କରିବାକୁ, ଜୟ କରିବାକୁ ବଦଳରେ ଅମକ ଅମକ ପ୍ରଲୋଭନକୁ ନଇଁବାଟା ଘଟୁଅଛି ।

ଏହି ବ୍ୟକ୍ତି ଈଶ୍ୱରଙ୍କର ସ୍ୱର ଶୁଣିବାକୁ ବଦଳରେ ପ୍ରଲୋଭନକାରୀର କଳ୍ପନା କଥା ଶୁଣି, ତାହାକୁ ମାନୁଅଛି । ସେ ଆହୁରି ଖ୍ରୀଷ୍ଟିୟାନ ଭାବରେ ନାଟକ କରୁ କରୁ, ଗୀର୍ଜାକୁ ଯାଉଥିଲେ ମଧ୍ୟ, ସେ ଧର୍ମ ବୋଲି ଆଚ୍ଛାଦନରେ କେତେ ପ୍ରକାର ଲୌକିକ ଇଚ୍ଛା ଲୁଚାଇ ଅଛି । ଈଶ୍ୱରଙ୍କ ପ୍ରତି ପ୍ରେମ ତାହାଙ୍କଠାରେ

କମିଯାଇଅଛି । ସେ ଦ୍ୱିମନ ହୋଇ ଦୁଇଟା ଡ଼ଙ୍ଗା ଉପରେ ଗୋଡ଼ ରଖି ଯାତ୍ରା କରୁଥିବା ବୁଦ୍ଧିହୀନ ତୁଲ୍ୟ ଅଛି । ସେ ଈଶ୍ୱରଙ୍କୁ ପ୍ରେମ କରୁଥିବା ପରି ନଟନ କରି ଜଗତ ଇଚ୍ଛାରେ ଆନନ୍ଦ କରୁଅଛି । ତାହାଙ୍କ ହୃଦୟରେ ଥିବା ମନସାକ୍ଷୀ ବୋଲି ନକ୍ଷତ୍ର ମଧ ଉଜ୍ଜ୍ୱଳ ବିହୀନ ହେଲାପରି ଆମ୍ଭେମାନେ ଦେଖିପାରୁଛୁ । କ୍ରୁଶକୁ ଆନନ୍ଦରେ ବୋହିବା ପାଇଁ ତାହାଙ୍କୁ ଏବେ ଇଚ୍ଛା ନାହିଁ । କ୍ରୁଶ ତାହାଙ୍କୁ କେତେ ଭାର ପରି ଅମାନ୍ୟ ପରି ଲାଗୁଅଛି । ଅସ୍ଥିର ହେଇଥିବା ।



# ପ୍ରଲୋଭିତ ହୋଇ, ବିଭକ୍ତ ହୋଇଥିବା ହୃଦୟ
# THE TEMPTED AND DIVIDED HEART

ସନ୍ଦେହରେ ପ୍ରାର୍ଥନା କରୁ କରୁ ତାହାଙ୍କ ହୃଦୟ ପାଇଁ ଆଶ୍ରାଦ୍ଧ କରିବା ବ୍ୟକ୍ତି ହୋଇଅଛି । ଧୀରେ ତାହାଙ୍କ ହୃଦୟରେ

ପ୍ରଲୋଭନକାରୀକୁ ସ୍ଥାନ ଦେଇ ଅନେକ ପ୍ରଲୋଭନକୁ ନଇଁବା ସ୍ଥିତିରେ ଅଛି । ଈଶ୍ୱରଙ୍କଠାରେ ବିଶ୍ୱାସ କରିଥିବାମାନଙ୍କ ସହବାସକୁ ବନ୍ଦ କରି ଜାଗତିକ ଲୋକମାନଙ୍କ ସହିତ ଆନନ୍ଦ କରିବାକୁ ଲାଗିଲା ।

ଗର୍ବକୁ ସାଦୃଶ୍ୟ ହେଇଥିବା ମୟୂରର ଗୌରବ ପୁନର୍ବାର ଏହି ହୃଦୟରେ ପ୍ରବେଶ କଲା । ଅନୁଗ୍ରହ ଦ୍ୱାରା ସେ ରକ୍ଷାପ୍ରାପ୍ତ ହେଇଥିବା ବିଷୟ ଭୁଲିଯାଇ, ଗର୍ବରେ ପୂର୍ଣ୍ଣିତ ଖ୍ରୀଷ୍ଟୀୟ ଜୀବନ ଯାପନ କରିବାକୁ ଆରମ୍ଭ କଲା । ମଦ୍ୟପାନ କରିବା ବୋଲି ଅଭ୍ୟାସ ଏହାର ହୃଦୟକୁ କାଟି କାଟି ତହିଁରେ ପ୍ରବେଶ କରିବାକୁ ଯତ୍ନ କରୁଅଛି । ଧୀରେ ଧୀରେ ମନ୍ଦ ବନ୍ଧୁମାନଙ୍କ ସହିତ ମିଶି ଲଜ୍ଜାହୀନ ଗୁଣରେ ସେମାନଙ୍କ କ୍ରିୟାରେ ସମ୍ମତି ହେବାକୁ ଆରମ୍ଭ କଲା । ସାଙ୍ଗମାନଙ୍କ ସହିତ ଆନନ୍ଦରେ ଗୋଟେ ଥର ମଧ୍ୟ ପିଇଲେ ତାହା ମୋର ଆତ୍ମିକ ଜୀବନକୁ ବଡ଼ ନଷ୍ଟ ହେବନାହିଁ । ବୋଲି ଶୟତାନ ତାହାଙ୍କୁ ଧୀରେ ଉତ୍ସାହିତ କରିବ । ଛୋଟ ଛୋଟ ଦୁର୍ବଳତା ଦ୍ୱାରା ଏତେ ନଷ୍ଟ ହେବନାହିଁ ବୋଲି, ସନ୍ତୁଷ୍ଟ ହେବ । ଅପବିତ୍ର କଥାବାର୍ତ୍ତା, ପରିହାସ, ଅଶ୍ଳୀଳ ଚିତ୍ର ଦେଖି ଆନନ୍ଦ କରିବା, ପରିହାସକ ମାନଙ୍କ ସହିତ ସହବାସ, ନାଟ୍ୟଶାଳାକୁ ଯାଇ ଆନନ୍ଦ କରିବା ଇତ୍ୟାଦି କାର୍ଯ୍ୟ ସବୁ ଏତେ ବିପଦପୂର୍ଣ୍ଣ ନାହିଁ ବୋଲି । ତାହା ବିଲକୁଲ ପାପ ନାହିଁ ବୋଲି, ଶୟତାନ ଉପଦେଶ କରୁଥିବା ଏହିପରି ଲୌକିକ କାର୍ଯ୍ୟ ସବୁ କରିବାକୁ ପ୍ରେରଣା କରିବ ଅଶୁଚି ହେଇଥିବା ଅନେକ ଚିନ୍ତା ଆକାଶ ପକ୍ଷୀ ପରି ଆମ ମସ୍ତିଷ୍କ ଉପରରୁ ଉଡ଼ିଯାଇପାରେ । ହେଲେ ସେହିପରି ମନ୍ଦ ଚିନ୍ତାକୁ ଆମ ହୃଦୟରେ ଯଦି ସ୍ଥାନ

ଦେଲେ । ତାହା ସେଠାରେ ନୀଡ଼ ବାନ୍ଧିକରି ସ୍ଥିର ବାସସ୍ଥାନ ଆୟୋଜନ କରିବ । ଆଉ ତାହାର ଦୁଷ୍ଟ କାର୍ଯ୍ୟକୁ ପରିମିତ ନଥିବ । ଆମେ ଶୟତାନକୁ କାଣି ଆଙ୍ଗୁଳି ଦେଲେ ସେ ପୂରା ହସ୍ତକୁ ନେଇଯାଇ ତାହାପରେ ସର୍ବଶରୀରକୁ ବଶୀଭୂତ କରି ଆମ ଆତ୍ମାକୁ ନିତ୍ୟ ନର୍କକୁ ପକାଇଦିଏ । ଯୌବନ ଇଚ୍ଛାକୁ ବିସର୍ଜନ କରି ପାପରୁ ଦୂରକୁ ପଳାଇଯାଉ ବୋଲି ଈଶ୍ୱରଙ୍କ ଦାସ ଶଲୋମନ ସତର୍କବାଣୀ କହୁଅଛି । ଉଦ୍ଧାରକର୍ତ୍ତା, ଜୟଶୀଳ ହେଇଥିବ ଯୀଶୁଙ୍କ ନିକଟକୁ ଆସିଲେ ଆମକୁ ଭୟନାହିଁ । ଏହି ଚିତ୍ରରେ ଜଣେ ମନୁଷ୍ୟ ଗୋଟେ ଦାଢ଼ୁଆ ବର୍ଚ୍ଛାରେ ହୃଦୟକୁ ବିନ୍ଧୁଥିବା ପରି ଦେଖୁଅଛୁ । ସେ ବ୍ୟକ୍ତି ଖ୍ରୀଷ୍ଟୀୟ ଧର୍ମକୁ ନିନ୍ଦା କରିବା ଏବଂ ତାଡ଼ନା କରିବା ମାନଙ୍କୁ ସାଦୃଶ୍ୟ ଭାବରେ ଅଛି । ଅପବାଦ ପକାଉଥିବା ଜିହ୍ୱଗୁଡ଼ିକ ପରିହାସ କରିବା ଓଠ ପାଇ କେତେକ ଖ୍ରୀଷ୍ଟଙ୍କ ସନ୍ତାନମାନଙ୍କୁ, ଗାଳି ଦେଇ ସେମାନଙ୍କ ହୃଦୟକୁ ଆଘାତ କରିବେ । ସେମାନଙ୍କ ପ୍ରଭୁଙ୍କୁ ବିଶ୍ୱାସ କରିଥିବାମାନଙ୍କ ହୃଦୟରେ ଗୋଳମାଳ ଜନ୍ମାଇ ସେମାନେ ତାଡ଼ନା ଦେବେ । ସେହି ପରିସ୍ଥିତିରେ ପ୍ରଲୋଭନକୁ ସ୍ଥାନ ଦେଉଥିବା ଖ୍ରୀଷ୍ଟୀୟ ବିଶ୍ୱାସୀ, ତାହାକୁ ନିନ୍ଦା ଦେଉଥିବା ମାନଙ୍କୁ ଡ଼ରିଯାଇ, ଈଶ୍ୱରଙ୍କଠାରୁ ମନୁଷ୍ୟମାନଙ୍କ ପ୍ରଶଂସା ହିଁ ଆଶା କରୁଥିବେ । ମନୁଷ୍ୟ ମାନଙ୍କୁ ଦାସ ହୋଇ, ଈଶ୍ୱରଙ୍କୁ ଦୂରହେବ । କଷ୍ଟ ସମସ୍ୟା ଆସିଲା ବେଳେ ସେମାନେ ଆହୁରି ବିଚଳିତ ହୋଇ ସାନ୍ତ୍ୟନକର୍ତ୍ତା ହେଇଥିବା ଈଶ୍ୱରଙ୍କୁ ନିକଟବର୍ତ୍ତୀ ହେବାକୁ ବଦଳରେ, ଜଗତ ଆଡ଼େ ଫେରିଯିବେ । ଦ୍ୱେଷ, ଈର୍ଷ୍ୟାକୁ ଚିହ୍ନଟ ହେଇଥିବା ସର୍ପ ପୁନର୍ବାର ଦର୍ଶନ ଦେଇ, ଧାର୍ମିକ ଜୀବନ ଯାପନ କରୁଥିବା ତାହାଙ୍କ ଜୀବନକୁ,

ପତନ କରିବାକୁ ଲୁଚି ରହିବା । ଜାଗା ମିଳିଲେ ସେହି ହୃଦୟକୁ ଈର୍ଷା, ଗର୍ବ ପୂରଣ କରିବାକୁ ଦେଖୁଅଛି ।

ଧନଲୋଭ ଆମ ହୃଦୟରେ ପ୍ରବେଶ କରିବାକୁ କେତେ ସମୟ ଧରିବ ନାହିଁ ପ୍ରଭୁ ଯୀଶୁ ଗୋଟେ ଆଡ଼େ ପରୀକ୍ଷାରେ ଯେପରି ନପଡ଼ି ଏଥିପାଇଁ ଜାଗି ରହି ପ୍ରାର୍ଥନା କର, ଆତ୍ମା ଇଚ୍ଛୁକ ସତ୍ୟ, ମାତ୍ର ଶରୀର ଦୁର୍ବଳ । (ମାଥିଉ ୨୬:୪୧) ବୋଲି କହୁଅଛି । ଆମ ପ୍ରଲୋଭନକୁ ନୋଇଁ ପଡ଼ିଯିବାଟା ଦୁଃଖର ବିଷୟ ହିଁ । ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ, ସେ ଯେପରି ପିତିତ ନ ହୁଏ, ଏଥି ନିମନ୍ତେ ସେ ସାବଧାନ ହେଉ । (୧ କରିନ୍ଥୀୟ ୧୦:୧୨) ତୁମ୍ଭେମାନେ ଯେପରି ଶୟତାନର ସମସ୍ତ ଚତୁରି ବିରୁଦ୍ଧରେ ଦଣ୍ଡାୟମାନ ହୋଇପାର, ଏଥ ନିମନ୍ତେ ଈଶ୍ୱରଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣାକୁ ସୁସଜ୍ଜିତ କର । (ଏଫିସ ୬:୧୧-୧୮)

# ସମସ୍ତ ଚିତ୍ର
# THE SEVENTH PICURE

କଠିନ କରାଯାଇ ଖ୍ରୀଷ୍ଟୀୟ ଜୀବନରେ ପଛକୁ ହୋଇ ଯାଇଥିବା ମାନବ ହୃଦୟ ସ୍ଥିତିକୁ ଏହି ଚିତ୍ର ସାଦୃଶ୍ୟ ହେଇଅଛି । କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି, ସ୍ୱର୍ଗୀୟ ଦାନର ଆସ୍ୱାଦ ପାଇଅଛନ୍ତି, ପବିତ୍ର ଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି, ଈଶ୍ୱରଙ୍କ ଉତ୍ତମ ବାକ୍ୟ ଓ ଆଗାମୀ ଯୁଗର ଶକ୍ତି ଅସ୍ୱାଦନ କରିଅଛନ୍ତି, ସେମାନେ ଯଦି ସତ୍ୟ ଭ୍ରଷ୍ଟ ହୁଅନ୍ତି । ସେହି


ମନୁଷ୍ୟର ହୃଦୟ ସ୍ଥିତି ଏହି ଚିତ୍ରରେ ହୃଦୟ ପରି ରହିବ । ସେଥିକି ମାତ୍ର ନୁହେଁ ଏହି ହୃଦୟ ବହୁତ କଠିନ କରାଯାଇ, ଆଉ କେବେ ହିଁ ଅନୁତପ୍ତ ନହେଇ ଈଶ୍ୱରଙ୍କ ଉପସ୍ଥିତିକୁ ପସନ୍ଦ ନ କରିବ । ଈଶ୍ୱରଙ୍କ ସୁସମାଚାର ଭଲ ଭାବରେ ଘୋଷଣା କଲେ ମଧ୍ୟ ଆଉ ସେ ହୃଦୟ କେତେ ମାତ୍ର ନରମ ହେବାକୁ ସୁଯୋଗ ନଥିଲା ପରି ରହିବ । ଏହିପରି କଠିନ ହେଇଯାଇଥିବା ଶୈଳ ପରି ହୃଦୟ, ଈଶ୍ୱରଙ୍କ ଦୟାପୂର୍ବକ ଆହ୍ୱାନକୁ ବଶୀଭୂତ ନହୋଇ, ବଡ଼ି ବଡ଼ି ଖରାପ ହୋଇଯାଏ । ନଷ୍ଟ ହୋଇଯାଉଥିବା ଜୀବନ ଭିତରକୁ ଖସିଯାଏ ।

ଆତ୍ମିକ ଭାବରେ ପଛକୁ ହେଇ ଯାଉଥିବା ବ୍ୟକ୍ତିଙ୍କ ନିମନ୍ତେ ପ୍ରଭୁ ଯୀଶୁ କିପରି କହୁଛନ୍ତି । ଆସୁଛି ଆତ୍ମା ଜଣେ ମନୁଷ୍ୟଠାରୁ ବାହାରିଯିବା ପରେ ବିଶ୍ରାମ କରିବା ପାଇଁ ଜଳ ନଥିବା ସ୍ଥାନ ସବୁ ଭ୍ରମଣ କରି ଖୋଜେ, ଆଉ ତାହା ନ ପାଇ କହେ, ମୁଁ ଯେଉଁ ଘରୁ ବାହାରି ଆସିଥିଲି, ମୋହର ସେହି ଘରକୁ ଫେରିଯିବି, ପୁଣି, ସେ ଆସି ତାହା ପରିଷ୍କାର ହୋଇଥିବା ଦେଖେ । ସେତେବେଳେ ସେ ଯାଇ ଆପଣାଠାରୁ ଅଧିକ ଦୁଷ୍ଟ ଆଉ ସାତୋଟି ଆତ୍ମା ସାଙ୍ଗରେ ନେଇ ଆସେ, ପୁଣି, ସେମାନେ ପ୍ରବେଶ କରି ସେଠାରେ ବାସ କରନ୍ତି, ଆଉ ସେହି ଲୋକର ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦ ହୁଏ । (ଲୂକ ୧୧:୨୪-୨୬) କୁକୁର ଆପଣା ବାନ୍ତି ଖାଇବାକୁ ଓ ଧୌତ ହୋଇଥିବା ଘୁଷୁରି କାଦୁଅରେ ଲୋଟିବାକୁ ପୁନର୍ବାର ଫେରେ, ଏହି ସତ୍ୟ ଦୃଷ୍ଟାନ୍ତ ବାକ୍ୟ ସେମାନଙ୍କ ପ୍ରତି ଘଟିଅଛି । ବୋଲି ସତ୍ୟ ପ୍ରବାଦ ପ୍ରକାର ଏମାନଙ୍କୁ ଘଟିଥିଲା । (୨ ପିତର ୨:୨୨)

ଏହି ପଦରେ ପୂର୍ବ ଖରାପ ବିଷୟ ଆଡ଼େ ଫେରି ପତନ ହେଇଯାଇଥିବା ପାପୀଙ୍କ ହୃଦୟ ଲକ୍ଷଣକୁ ସ୍ପଷ୍ଟ ଭାବରେ ବିବରଣ ଦେଉଅଛି । ପାପକୁ ତାହାର ଠକ କାର୍ଯ୍ୟକୁ ମାନବ ହୃଦୟକୁ ଶାସନ କରିବାକୁ ସେହି ହୃଦୟରେ ଆଶ୍ରୟ ଆୟୋଜନ କରିବ । ସେହିପରି ଲୋକଙ୍କ ହୃଦୟ ତାହାର ମୁହଁ ଦ୍ୱାରା ପ୍ରକାଶ ହୋଇଥାଏ । ପାପ, ପବିତ୍ରାତ୍ମା, ମିଶି କେତେ ମାତ୍ର ବାସ କରିବ ନାହିଁ । ତେଣୁ ପବିତ୍ରାତ୍ମା କପୋତ, ଏହି ହୃଦୟକୁ ଛାଡ଼ିଦେଇ ଚାଲି ଯାଉଅଛି । ଗୋଟେ ହୃଦୟ, ଈଶ୍ୱରଙ୍କୁ ମନ୍ଦିର ଭାବରେ, ଶୟତାନକୁ ଗୁଫା ଭାବରେ ରହିବା ଅସାଧ । ହୁଏତ ଅପବ୍ୟୟ ପୁତ୍ର ପରି ଏହି ହୃଦୟ ଈଶ୍ୱରଙ୍କ ପ୍ରତି ଫେରିବ ବୋଲି, ଦେବଦୂତ ଦୁଃଖରେ ପଛକୁ ଫେରି ଦେଖୁଅଛି । ''ପୁଣି ସେ ଘୁଷୁରୀମାନେ ଯେଉଁ ଶିମ ଖାଉଥିଲେ ସେଥିରେ ସେ ଆପଣା ପେଟ ପୁରାଇବାକୁ ଇଚ୍ଛା କରୁଥିଲା, କିନ୍ତୁ କେହି ତାହାକୁ ଦେଉ ନଥିଲେ'' । ସେହି ପରିସ୍ଥିତିରେ ସେ ଚେତନା ପାଇ କହିଲା, ମୁଁ ଉଠି ମୋ ବାପାଙ୍କ ପାଖକୁ ଯିବି ଓ ତାହାଙ୍କୁ କହିବି, ବାପା ଈଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ ଦୃଷ୍ଟିରେ ମୁଁ ପାପ କଲି, ତୁମ୍ଭ ପୁଅ ବୋଲି ଡ଼କାଯିବାର ମୁଁ ଆଉ ଯୋଗ୍ୟ ନୁହେଁ, (ଲୂକ ୧୫:୧୮) ବୋଲି କ୍ରନ୍ଦନ କଲା । ପିତା ତାହାର ବିନତି ଶ୍ରବଣ କରି, ତାହାକୁ କ୍ଷମା କରି ତାହାଙ୍କ ପ୍ରେମପୂର୍ଣ୍ଣ ଆଲିଙ୍ଗନରେ ଆସିବାକୁ ଦେଲେ ।

ଏହି ଚିତ୍ରରେ ହୃଦୟର ସ୍ଥିତିକୁ ଆମେ ଯଦି ଆଲୋଚନା କଲେ ଅନୁତାପ, ଈଶ୍ୱରଙ୍କ ପ୍ରତି ଫେରିବା ମନା, ଯୀଶୁଙ୍କ ପାଦ ନିକଟରେ କ୍ଷମା ମାଗିବା ଚିନ୍ତା କେତେ ମାତ୍ର ଦେଖାଯିବ ନାହିଁ । ଏହି ବ୍ୟକ୍ତିର ମନସାକ୍ଷୀ ଲାଲରେ ଜଳିଥିବା ଲୁହ ଖଣ୍ଡରେ ପ୍ରତାରଣା

କଳାପରି, ତାହା ବିଚଳିତ ନ ହୋଇଅଛି । ତାହାକୁ ଆଖି ଅଛି ମାତ୍ର, ତାହାଙ୍କ ନିମନ୍ତେ ତାହାର ପାଦ ତଳେ ଜାଗି ରହିଥିବା ମହାଗଭୀର ହେଇଥିବା ନର୍କକୁ ସେ ଦେଖି ପାରୁନାହିଁ । ତାହାକୁ କାନ ଅଛି ମାତ୍ର ପରିତ୍ରାଣକର୍ତ୍ତା ଯୀଶୁଙ୍କ ସ୍ୱରକୁ ଶୁଣିପାରୁ ନଥିବା ସ୍ଥିତିରେ ଅଛି । ତାହାର ପାପ କାର୍ଯ୍ୟ ବିଷୟରେ କେତେ ମାତ୍ର ଲଜ୍ଜା ପଡ଼ିବା ବ୍ୟକ୍ତି ପରି ଏ ନାହିଁ । ଏହାର ହୃଦୟ ପୀଠ ଉପରେ ଶୟତାନ ବସି ଶାସନ କରୁଅଛି ।



## ପଛକୁ ଫେରିବା କିମ୍ବା କଠିନ କରାଯାଇଥିବା ହୃଦୟ
## The Backslidden or Hardened Heart

ସେ ବାହାରକୁ ଭକ୍ତି ଭାବରେ, ଧର୍ମନିଷ୍ଠରେ ଥିବା ଲୋକ ପରି ଅଭିନୟ କରିବ ମାତ୍ର ତାହାର ଜୀବନ ଧଳା ରଙ୍ଗର ସମାଧି

ସ୍ୱରୂପ, ତାହା ବାହାରେ ସୁନ୍ଦର ଦେଖାଯାଏ, କିନ୍ତୁ ଭିତରେ ମୃତମାନଙ୍କ ଅସ୍ଥି ଓ ସର୍ବ ପ୍ରକାର ଅଶୁ ଚିତାରେ ପରିପୂର୍ଣ୍ଣ (ମାଥିଉ ୨୩:୨୭)

ସତ୍ୟ ସ୍ୱରୂପି ହେଇଥିବା ଆତ୍ମାର ସ୍ଥାନ ଅସତ୍ୟକୁ ଜଣକ ଜେଇଥିବା ଶୟତାନ ଆକ୍ରମଣ କରିଅଛି । ସବୁ ପାପ, ପ୍ରତ୍ୟେକ ଜନ୍ତୁ, ତାହାର ସମ୍ବନ୍ଧୀୟ ଭୂତରେ, ମନ୍ଦ ଆତ୍ମାରେ ଏକ ହୋଇ ଏହି ହୃଦୟରେ ସ୍ଥିର ବାସସ୍ଥାନ ଆୟୋଜନ କରିଅଛି । ହୁଏତ ତାହାର ବାଧାରୁ ଏହି ବ୍ୟକ୍ତି ନିସ୍ତାର ପାଇବା ପାଇଁ ଚିନ୍ତା କଲେ ମଧ୍ୟ ତାହା ସେ ବ୍ୟକ୍ତିକୁ ବାନ୍ଧିଦେଇ ଅବିଚଳିତ କରିବ । ‘‘କେହି ମୋଶାଙ୍କ ବ୍ୟବସ୍ଥାକୁ ଅମାନ୍ୟ କଲେ, ସେ ଦୟା ପ୍ରାପ୍ତ ନହୋଇ ଦୁଇ କିମ୍ବା ତିନି ଜଣ ସାକ୍ଷୀଙ୍କ ପ୍ରମାଣରେ ହତ ହୁଏ, ତେବେ ଭାବି ଦେଖ, ଯେ ଈଶ୍ୱରଙ୍କ ପୁତ୍ରଙ୍କ ପଦଦଳିତ କରିଅଛି, ନିୟମର ଯେଉଁ ରକ୍ତ ଦ୍ୱାରା ସେ ପବିତ୍ରୀକୃତ ହୋଇଥିଲା, ତାହାକୁ ସାମାନ୍ୟ ବିଷୟ ବୋଲି ମନେ କରିଅଛି ଓ ଅନୁଗ୍ରହଦାତା ଆତ୍ମାଙ୍କୁ ଅବମାନନା କରିଅଛି, ସେ କେଡ଼େ ଅଧିକ ଗୁରୁତର ଦଣ୍ଡର ଯୋଗ୍ୟ ନ ହେବ । (ଏବ୍ରୀ ୧୦:୨୮-୨୯, ୨ ପିତର ୧:୧୪ ପାଠକର)

ପ୍ରିୟ ବନ୍ଧୁ ! ଏହି ହୃଦୟ ଚିତ୍ରର ସ୍ଥିତି ତୁମ୍ଭ ହୃଦୟ ସ୍ଥିତିକୁ ସାଦୃଶ୍ୟରେ ଥିଲେ ସେହି କ୍ଷଣରେ ଈଶ୍ୱରଙ୍କ ଉପସ୍ଥିତିରେ ପ୍ରାର୍ଥନା କର । ତୁମ୍ଭ ପୂର୍ଣ୍ଣ ହୃଦୟରେ ଈଶ୍ୱରଙ୍କୁ ଉପସ୍ଥିତିରେ କ୍ରନ୍ଦନ କର । ସେ ଭୟଙ୍କର ପରିସ୍ଥିତିରେ ଚୂର୍ଣ୍ଣ ହୋଇଯାଇଥିବା ମାନଙ୍କୁ ସହିତ ରକ୍ଷା କରିପାରିବ । ତୁମ୍ଭ ସତ୍ୟରେ ଅନୁତାପରେ ତାହାଙ୍କୁ ନିକଟବର୍ତ୍ତୀ ହେଲେ ତୁମ୍ଭ ଅପରାଧ ସବୁ ସେ କ୍ଷମା କରିବ । ଭୂତକୁ ଅନ୍ଧକାର


ଶକ୍ତି ଗୁଡ଼ିକକୁ ତୁମ୍ଭ ହୃଦୟରୁ ବାହାର କରି ଦେଇପାରିବ । ସେ ପ୍ରଭୁ ମାତ୍ର ହିଁ । ତୁମ୍ଭ ହୃଦୟ ଖୋଲି, ତାହାଙ୍କୁ ତୁମ୍ଭ ହୃଦୟରେ ପ୍ରବେଶ କରିବାକୁ ଦେଲେ । ସମ୍ପୂର୍ଣ୍ଣ ଅନୁତାପ ଯଦି ତୁମ୍ଭେ ପାଇଲେ, ଈଶ୍ୱର ତୁମ୍ଭକୁ ମୁକ୍ତ କରିବ । ଏଥି ମଧ୍ୟରେ ଜଣେ କୁଷ୍ଠୀ ତାହାଙ୍କ ନିକଟକୁ ଆସି ଆଣ୍ଠୁପାତି ତାହାଙ୍କୁ ବିନତି କରି କହିଲା, "ଆପଣ ଯଦି ଇଚ୍ଛା କରନ୍ତି, ତାହା ହେଲେ ମୋତେ ସୁଚି କରିପାରନ୍ତି । ସେଥିରେ ସେ ଦୟାରେ ବିଚଳିତ ହୋଇ ହସ୍ତ ବିସ୍ତାର କରି ତାହାଙ୍କୁ ସ୍ପର୍ଶ କଲେ ଓ କହିଲେ, ମୁଁ ଇଚ୍ଛା କରୁଅଛି ଶୁଚି ହୁଅ । (ମାର୍କ ୧:୪୦-୪୧) ଏହି ପ୍ରକାର ତୁମ୍ଭେ ପ୍ରଭୁଙ୍କୁ ନିକଟବର୍ତ୍ତୀ ହେଲେ ତୁମ୍ଭ କଠିନ ହୃଦୟକୁ ସେ ଠିକ କରିବ । ତୁମ୍ଭେ ଆହୁରି ତୁମ୍ଭ ହୃଦୟକୁ କଠିନ କରିଥାଏ, ଅନ୍ଧକାରକୁ ପ୍ରେମ କରୁ କରୁ, ଆଲୋକକୁ ଯଦି ଦୂର କଲେ, ତୁମ୍ଭର ଆଉ ଭରସା ରହିବ ନାହିଁ । କେହି ତୁମ୍ଭକୁ ସାହାଯ୍ୟ କରିବ ନାହିଁ । କାହିଁକି ମାନେ ତୁମ୍ଭ ଜୀବନକୁ ନ ଖୋଜି ମୃତ୍ୟୁକୁ ହିଁ ଖୋଜୁଅଛୁ । "କାରଣ ପାପର ବେତନ ମୃତ୍ୟୁ" (ରୋମୀୟ ୬:୨୩)

# ଅଷ୍ଟମ ଚିତ୍ର
# The Eight Picture

ଏହି ଚିତ୍ରରେ କଠିନ କରାଯାଇଥିବା ପାପ ହୃଦୟ, ଭୟଙ୍କର ମରଣକୁ ମୁକାବିଲା କରିଥିବା ରୀତିକୁ ଦେଖୁଅଛୁ । ଏହି ବ୍ୟକ୍ତିଙ୍କ ଶରୀରରେ ଦାରୁଣ ଯନ୍ତ୍ରଣା, ହୃଦୟରେ ମୃତ୍ୟୁ ଭୟ ଅଛି । ମୃତ୍ୟୁ (କଙ୍କାଳ ସେ ଭାବି ନଥିବା ସମୟରେ ସନ୍ନିକଟ ହେଲା । ପ୍ରବଞ୍ଚନା କାର୍ଯ୍ୟ, ପାପ ଭୋଗ ଅଦୃଶ୍ୟ ହେଲା । ପାପର ବେତନ ହେଇଥିବା

ଦାରୁଣ ହେଇଥିବା ବେତନ ବୋଲି ମରଣ ତାହାକୁ, ଦାରୁଣ ଭାବରେ ମୁକାବିଲା କଲା । ବହୁତ ଭୟଙ୍କର, ଯନ୍ତ୍ରଣା ଦେଉଥିବା ମରଣପାଶ ଚାରିଆଡ଼େ ବାନ୍ଧିକରି ରହିଲା । ସେହି ପରିସ୍ଥିତିରେ ସେ ପ୍ରାର୍ଥନା କଲେ ମଧ୍ୟ । ତାହାଙ୍କ ରବ ଈଶ୍ୱରଙ୍କ ଉପସ୍ଥିତିକୁ ପହଞ୍ଚି ପାରୁନଥିବା ପରିସ୍ଥିତି ଦେଖା ଯାଉଅଛି । ତାହାଙ୍କର ଅତି ନିକଟସ୍ଥ ସାଙ୍ଗମାନେ କେହି ମଧ୍ୟ ତାହାଙ୍କ ନିକଟରେ ଠିଆ ହେବାକୁ ଡ଼ରୁଛନ୍ତି । ସେମାନେ କହିବା ସାନ୍ତ୍ୱନା କଥା ଦ୍ୱାରା ଏବେ ତାହାଙ୍କୁ କେତେ ମାତ୍ର ଶାନ୍ତି ହେଲା ନାହିଁ । ସେ ଉପାର୍ଜନ କରିଥିବା ସ୍ୱଳ୍ପକାଳ ଧନ ମଧ୍ୟ ତାହାଙ୍କ ଜୀବନ କାଳକୁ ସମ୍ପ୍ରସାରିତ କରପାରି ନାହିଁ । ସେଥିକି ମାତ୍ର ନୁହେଁ ତାହାଙ୍କ ଧନ ତାହାଙ୍କ ଆତ୍ମା ରକ୍ଷଣ ପାଇଁ ସାହାଯ୍ୟ କରିପାରି ନାହିଁ । ତାହାଙ୍କ ଆତ୍ମାରେ ଥିବା ଭୟଙ୍କର ଯନ୍ତ୍ରଣାକୁ ମଧ୍ୟ ସେହି ଧନ ଦୂର କରପାରିଲା ନାହିଁ । ଶୟତାନ ଏହି ବ୍ୟକ୍ତିକୁ ଈଶ୍ୱରଙ୍କ ଚିନ୍ତା ଦୂର କରିଥିବାରୁ ଈଶ୍ୱରଙ୍କ ଉପସ୍ଥିତିକୁ ସ୍ମରଣ କରିବାକୁ ସୁଯୋଗ ଦେଇ ନଥିବାରୁ ଆଉ ସେ କେତେ ମାତ୍ର ଈଶ୍ୱରଙ୍କ ଉପରେ ତାହାଙ୍କ ଲକ୍ଷ୍ୟ ରଖିପାରିଲା ନାହିଁ ।

ବହୁକାଳ ପୂର୍ବେ ସେ ବହୁତ ପ୍ରେମ କରିଥିବା ପାପ କାର୍ଯ୍ୟ ସବୁ ବର୍ତ୍ତମାନ ତାହାଙ୍କ ପରିହାସ କଲାପରି ଲାଗୁଛି । ସେ ଈଶ୍ୱରଙ୍କ ଅନୁଗ୍ରହକୁ ଖସାଇଦେବା ଦୋଷୀ ଭାବରେ ଦଣ୍ଡକୁ ପାତ୍ର ହେଲା । ''ଜୀବିତ ଈଶ୍ୱରଙ୍କ୍ ହସ୍ତରେ ପଡ଼ିବା ଭୟଙ୍କର ବିଷୟ'' (ଏବ୍ରୀ ୧୦:୩୧) ବୋଲି ଏବେ ଦୁଃଖ କରିବାକୁ ଲାଗିଲା ।




# ପାପିଙ୍କ ଅନ୍ତିମ ସ୍ଥିତି
# The Sinners Doom

ସେ ଭଲ ଭାବରେ ଥିଲାବେଳେ, ଯେ କୌଣସି ଅନୁକୂଳ ସମୟରେ ଈଶ୍ୱରଙ୍କୁ ଲାଗି ରହି ତାହାଙ୍କ ସହିତ ସମ୍ମିଳନୀ ହେଇପାରିବା ସମୟକୁ ବେଖାତିର କଲା । ମାତ୍ର, ବର୍ତ୍ତମାନ ତାହାଙ୍କୁ ସମୟ ନଥିଲା । ବୃଦ୍ଧାବସ୍ଥାରେ, ମରଣ ଅବସ୍ଥା ସ୍ଥିତିରେ ଈଶ୍ୱରଙ୍କୁ

ଅନୁଗମନ କରିପାରିବି ବୋଲି ସେତେବେଳେ ଭାବିଥିଲା । ମାତ୍ର, ସେ ପରିତ୍ରାଣକୁ ଖସାଇଦେଲା । ହଜାର ହଜାର ଲୋକମାନେ ଈଶ୍ୱରଙ୍କୁ ଅନ୍ୱେଷଣ ନକରି, ପରିତ୍ରାଣ ପ୍ରାପ୍ତ ନ ହୋଇ ମୃତ୍ୟୁବରଣ କରୁଛନ୍ତି । ପରିତ୍ରାଣ ପାଇବାକୁ ଈଶ୍ୱର ସେମାନଙ୍କୁ ପ୍ରେରଣା କଲାବେଳେ ଅବହେଳା କରି କରି ଶେଷକୁ ନର୍କକୁ ପାତ୍ର ହେଉଛନ୍ତି । ତେଣୁ ସମୟ ଥିଲା ବେଳେ ହିଁ, ଆମେ ପ୍ରଭୁଙ୍କୁ ଆମ ହୃଦୟରେ ଆହ୍ୱାନ କରିବା ଉତ୍ତମ । ଏହି ଚିତ୍ରରେ ମୃତ୍ୟୁ ବରଣ କରିବାକୁ ପ୍ରସ୍ତୁତ ହେଇଥିବା ପାପୀ ଈଶ୍ୱରଙ୍କ ଅନୁଗ୍ରହକୁ, ତାହାଙ୍କ ସନ୍ତ୍ୱନା ଦେବା ପ୍ରତିଜ୍ଞାକୁ ବେଖାତିର କରିଥିବାରୁ ଭୟଙ୍କର ମରଣ ପାଇଲା । ତାହାଙ୍କୁ ବିଚାରକର୍ତ୍ତାଙ୍କ ସ୍ୱର (ଏହି ବ୍ୟକ୍ତି ଖାରଜ କରାଯାଇଥିବା ରକ୍ଷକ) ଏହି ପ୍ରକାର ଶୁଣା ଯାଉଅଛି "ମୋ ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅନନ୍ତ ଅଗ୍ନି ମଧ୍ୟକୁ ଚାଲିଯାଅ କର, (ମାଥିଉ ୨୫:୪୧) ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ, ତାହାପରେ ବିଚାର ନିରୂପିତ ଅଛି । (ଏବ୍ରୀ ୯:୨୭)

# ନବମ ଚିତ୍ର

# The Ninth Picture

ଏହି ଚିତ୍ର ସମସ୍ତ ପ୍ରଲୋଭନକୁ, ଭୟଙ୍କର ବାଧା ସହନ କରି, ତାହାଠାରୁ ସମ୍ପୂର୍ଣ୍ଣ ଜୟ ପାଇଥିବା ହୃଦୟକୁ ସୂଚନା ଭାବରେ ଅଛି । ଏହି ବ୍ୟକ୍ତି ଅନେକ ରୀତିରେ ପରୀକ୍ଷିତ ହେଲେ ମଧ୍ୟ, ଯେ କୌଣସି ବିଷୟରେ ଶୟତାନକୁ ବଶୀଭୂତ ନ ହୋଇ, ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ରଖି, ତାହାଙ୍କୁ ଜୟ ଦେଇ ପରିବା ଯୀଶୁଖ୍ରୀଷ୍ଟ ପ୍ରଭୁ ଦ୍ୱାରା

ସମ୍ପୂର୍ଣ୍ଣ ଜୟ ପାଇଅଛି । ଏହି ବ୍ୟକ୍ତି ତାହାଙ୍କ ଖ୍ରୀଷ୍ଟୀୟ ଗନ୍ତବ୍ୟ ଦୌଡ଼ାକୁ ବହୁତ ସତର୍କରେ ନିର୍ବାହନ କରିଥିଲେ । ସେ ଦକ୍ଷିଣରେ କି ବାମରେ ନ ପଡ଼ି ଲକ୍ଷ୍ୟ ରଖିଥିବା ଖ୍ରୀଷ୍ଟୀୟ ଜୀବନ ଯାପନ କରେ । ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ । ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ଅପମାନ ତୁଚ୍ଛଜ୍ଞାନ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁଭୋଗ କଲେ, (ଏବ୍ରୀ ୧୨:୧-୨) ଏହି ବିଶ୍ୱାସୀର ହୃଦୟକୁ ଯେଉଁ ରୀତିରେ ମଧ ଭ୍ରଷ୍ଟ କରିବାକୁ ଶୟତାନ ଅନେକ ପ୍ରକାର ଚେଷ୍ଟା କଲା । ହେଲେ ଏହି ବ୍ୟକ୍ତି ଈଶ୍ୱରଙ୍କ ସନ୍ତାନ ଭାବରେ ଅଛି । ସେଥିପାଇଁ ଶୟତାନର ସବୁ ଚେଷ୍ଟା ଭଗ୍ନ ହେଲା । ଗର୍ବ ଧନଲୋଭ, ଦୁର୍ନୀତି ଭୂତ, ଇତ୍ୟାଦି ଏହି ହୃଦୟ ଚାରିଆଡ଼େ ଆବରଣ କଲା । ବେଳ ପାଇଁ ଅପେକ୍ଷା କରୁଅଛି । ମାତ୍ର ଏହି ବ୍ୟକ୍ତି ଜାଗ୍ରତରେ ରହିଥିବା ଖ୍ରୀଷ୍ଟଙ୍କ ସନ୍ତାନ ତେଣୁ ଆସୁଥିବା ପ୍ରଲୋଭନକୁ ବଶୀଭୂତ ନ ହୋଇ ସେ ସବୁକୁ ଘୃଣା କଲା । ଚିତାବାଘକୁ ବଦଳରେ ଏହି ଚ୍ରିତରେ ଏକ ଗଧକୁ ଦେଖି ପାରୁଛୁ । ପାପ ପରିସ୍ଥିତି ଯୋଗୁଁ ଅନେକ ପରିଣାମ ପାଇ, ବିଭିନ୍ନ ପ୍ରକାର ବେଷରେ, ବିଭିନ୍ନ ପ୍ରକାର ନାମରେ ଆମକୁ ଦର୍ଶନ ଦେଉଅଛି । ପାପ ପ୍ରଲୋଭନ ଛାଗ ଚର୍ମ ଗୋଡ଼ାଉଥିବା ତେନ୍ଦୁଆ ବାଘ ପରି ଆମ୍ଭମାନଙ୍କୁ ସମ୍ମୁଖୀନ ହେବ । ବାହାରକୁ ବିପଦପୂର୍ଣ୍ଣ ପରି ଦେଖା ଦେଇଥିବାରୁ ତାହାକୁ କେତେକ ସହଜ ଭାବରେ, ବଶୀଭୂତ ହେବା, ତାପରେ ତାହା ଦ୍ୱାରା ଧରା ପଡ଼ିଯିବା ହେଉଅଛି । ଜାଗ୍ରତରେ ରହିବା ଖ୍ରୀଷ୍ଟିୟାନ, ଶୟତାନର ଠକ କାର୍ଯ୍ୟରେ କେତେ ମାତ୍ର ଫସିଯିବ ନାହିଁ । ଶୟତାନ ଧର୍ମ ବୋଲି ବେଷ ଧାରଣ କରି,


କିମ୍ବା ଉଜ୍ଜ୍ୱଳ ଦୂତ ବେଶ ଧାରଣ କରି ବିଭିନ୍ନ ପ୍ରକାର ଭାବରେ ଏହି ହୃଦୟକୁ ପ୍ରଲୋଭନ କଲେ ମଧ୍ୟ, ଏହି ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ, ଖ୍ରୀଷ୍ଟଙ୍କ ବାକ୍ୟଠାରେ ଥିବା ସତ୍ୟ ସ୍ୱରୂପି ଆତ୍ମା ଏହି ବ୍ୟକ୍ତିଙ୍କୁ ସତ୍ୟ ପଦରେ ଚଳାଉଅଛି । ଏହି ଚିତ୍ରରେ ଜଣେ ମନୁଷ୍ୟ ଗୋଟେ ହସ୍ତରେ ମଧ୍ୟ ସହିତ ବର୍ତ୍ତି ହେଇଥିବା ଗ୍ଲାସକୁ ଧରି ଏହି ସତ୍ୟ ଖ୍ରୀଷ୍ଟିୟାନ ଚାରିଆଡ଼େ ବୁଲି ବୁଲି ଡ଼େଉଁଥିଲା ପରି ଦେଖୁଅଛୁ । ଏହି ବ୍ୟକ୍ତିଙ୍କୁ ବଶୀଭୂତ କରିବାକୁ ଚେଷ୍ଟା କରୁଅଛି । ହେଲେ ମଧ୍ୟ ଖ୍ରୀଷ୍ଟଙ୍କ ସହିତ ମଧ୍ୟ କ୍ରୁଶ ପକାଯାଇ, ଜଗତ ବିଷୟରେ ମୃତ୍ୟୁବରଣ କରିଥିବାରୁ ଏହି ବ୍ୟକ୍ତି କେତେ ମାତ୍ର ଲୌକିକ ଆଶା ଆଡ଼େ ତାହାର ଲକ୍ଷ ରଖି ନଥିଲା । ଏହାଙ୍କୁ ଈଶ୍ୱରଙ୍କ ଚିନ୍ତା ବିନା ଅନ୍ୟ ଚିନ୍ତା ନଥିଲା । ତାହାଙ୍କ ଆତ୍ମା ପ୍ରଭୁଙ୍କ ଠାରେ ବହୁତ ସ୍ଥିର ଓ ଦୃଢ଼ ଭାବରେ ଥିଲା । ଆଉ ଅନ୍ୟ ଜଣେ ବର୍ଚ୍ଛାକୁ ଧରି, ଏହି ହୃଦୟକୁ ଆଘାତ କଲାପରି ଦେଖୁଅଛୁ । ତାହାଙ୍କ ଉପରେ ମନ୍ଦ କଥା କହୁ କହୁ, ଲୁଚି ରହି କ୍ଷତି କରୁ କରୁ, ତାଡ଼ନା କରୁ କରୁ, ଆପମାନ କରୁ କରୁ, ଯେଉଁ ରୀତିରେ ମଧ୍ୟ ଏହି ବ୍ୟକ୍ତିଙ୍କ ବିଶ୍ୱାସ ଦୁର୍ବଳ କରିବା ପାଇଁ ଚେଷ୍ଟା କରୁଥିଲା । କେତେକ ପଡୋଶୀର ଭଲ ବିଷୟକୁ ଦେଖି ସହି ନପାରି, ତାହାଙ୍କ ଉପରେ କ'ଣ କ'ଣ ଅପମାନ ଦେଇ, ମିଥ୍ୟା କଥା, ମନ୍ଦ କଥା କଳ୍ପନା କରୁଥିବେ । ଏଇଠି ଉତ୍ତମ ଖ୍ରୀଷ୍ଟିୟାନ, ଏହିପରି ବିଷୟକୁ ଖାତିରି କରିବ ନାହିଁ । ଏହି ବ୍ୟକ୍ତିଙ୍କୁ ଲୋକମାନେ କ'ଣ କହିଛନ୍ତି ବୋଲି ଚିନ୍ତା ନାହିଁ ମାତ୍ର ଈଶ୍ୱର ତାହାଙ୍କ ବିଷୟରେ କ'ଣ ଭାବୁଛି ? ଈଶ୍ୱରଙ୍କ ଦୃଷ୍ଟିରେ ମୁଁ ଭଲରେ ରହିପାରିଲେ ଯଥେଷ୍ଟ ବୋଲି ଦୃଢ଼ ମନରେ ଥିଲା । ଜାଗତିକ ଲୋକମାନେ କହୁଥିବା କଥା ତାହାଙ୍କ କାନ ଭିତରକୁ ପସିବାକୁ

Bible Mission HQ Guntur

ନଦେଇ, ଈଶ୍ୱରଙ୍କ ପାଇଁ ଅପେକ୍ଷା କରିବା ବ୍ୟକ୍ତି ଭାବରେ ଅଛି । ଜାଗତିକ ଲୋକମାନେ ତାହାଙ୍କ ଉପରେ ଆକ୍ରମଣ କରିବା ସମୟରେ ସେ ପ୍ରଭୁ ଯୀଶୁ କହିଥିବା କଥା ସ୍ମରଣ କରି ଆନନ୍ଦରେ ରହିଥାଏ । ‘‘ଲୋକେ ଯେବେ ତୁମ୍ଭମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାର ମନ୍ଦ କଥା କହନ୍ତି, ତେବେ ତୁମ୍ଭେମାନେ ଧନ୍ୟ । ଆନନ୍ଦ କର ଓ ଉଲ୍ଲସିତ ହୁଅ, କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପ୍ରଚୁରର, (ମାଥିଉ ୫:୧୧, ୧୨)

ପାପ, ଶରୀର ଇଚ୍ଛା, ସ୍ୱାର୍ଥପର, ଶୟତାନ ଇତ୍ୟାଦି ଉତ୍ତମ ଖ୍ରୀଷ୍ଟିୟାନଙ୍କୁ ଈଶ୍ୱରଙ୍କ ଦିବ୍ୟ ପ୍ରେମଠାରୁ ଅଲଗା କରିବାକୁ, ସବୁ ପ୍ରକାର ଚେଷ୍ଟା କରୁଅଛି । ହେଲେ ସେ ତାହାଙ୍କ ପ୍ରଲୋଭନକୁ ନ ଡ଼ରି ନ ଦୌଡ଼ି ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିବ ? କି କ୍ଲେଶ, କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ୍ଗ ? (ରୋମୀୟ ୮:୩୫) ବୋଲି ପଦ ସ୍ମରଣ କରି ଈଶ୍ୱରଙ୍କ ଉପସ୍ଥିତିରେ ବହୁତ ସାହସରେ ବିଶ୍ୱାସରେ ସମସ୍ତ ଅନ୍ଧକାର କାର୍ଯ୍ୟକୁ ପ୍ରତିରୋଧ କରିବ । ଈଶ୍ୱରଙ୍କ ପ୍ରେମରେ, ଅନୁଗ୍ରହରେ ସେ ପୃଥକ କରି ଫଳପ୍ରଦ ହେବ । ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ । (ରୋମୀୟ ୮:୩୭) ଈଶ୍ୱରଙ୍କ ପ୍ରେମ ଓ ଅନୁଗ୍ରହ ସବୁ ପ୍ରଲୋଭନରୁ ବିଜୟୀ ହେବାକୁ, ଏହି ବ୍ୟକ୍ତିଙ୍କୁ  ସହବର୍ତ୍ତୀ ହୋଇଛି । ଏହି ବ୍ୟକ୍ତି ଶୟତାନର ସମସ୍ତ ଚାତୁରୀ ବିରୁଦ୍ଧରେ ଦଣ୍ଡାୟମାନ ହୋଇପାରିବାକୁ, ଏଥି ନିମନ୍ତେ ଈଶ୍ୱରଦତ୍ତ ସମସ୍ତ ସଜ୍ଜାରେ ସେ ନିଜକୁ ନିଜେ ସୁସଜ୍ଜିତ ହେଲା ।

ସତ୍ୟରୂପ କଟିବନ୍ଧନୀରେ କଟି ବାନ୍ଧି ଧାର୍ମିକତା ରୂପ ଉରସ୍ତ୍ରାଣ ପରିଧାନ କରି, ଶାନ୍ତିଦାୟକ ସୁସମାଚାର ନିମନ୍ତେ ସୁସଜ୍ଜିତ ପାଦୁକା ପାଦରେ ପିନ୍ଧି, ଯେପରି ପାପାତ୍ମାର ଅଗ୍ନିବାଣ ସବୁ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ ଢ଼ାଲ ଧାର ପୁଣି ପରିତ୍ରାଣ ରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍ଗ, ବୋଲି ସବୁ ଧାରଣ କରିବା ହିଁ ସମସ୍ତ ସଜ୍ଜାରେ ସୁସଜ୍ଜିତ ହେବା ।




## ୯. ଜୟ ଜୀବନ ଅନୁଭବ ପାଇଥିବା ହୃଦୟ
## The Conquering Heart

ଏହି ସମସ୍ତ ସଜ୍ଜାରେ ସୁସଜ୍ଜିତ ହୋଇ ସମସ୍ତ ପ୍ରଲୋଭନ ଉପରେ ଜୟ ପାଇଥିବା ଯୀଶୁଖ୍ରୀଷ୍ଟ ପ୍ରଭୁଙ୍କଠାରେ ବିଶ୍ୱାସ ଦ୍ୱାରା, ଶୟତାନର, ମନ୍ଦ ଆତ୍ମା ସମୂହର ଚାତୁରକୁ ଜୟ କରିପାରିବୁ ।

Bible Mission HQ Guntur

ସେଥିକି ମାତ୍ର ନୁହେଁ, ଆମ୍ଭେମାନେ ଏହିପରି ପ୍ରଲୋଭନକୁ ଜୟକରି ନିତ୍ୟ ଜୀବନ ମୁକୁଟ ପାଇବା । ଏହି ବ୍ୟକ୍ତିର ହୃଦୟରେ ନକ୍ଷତ୍ର, ବହୁତ ସ୍ପଷ୍ଟ ଭାବରେ, ଉଜ୍ଜ୍ୱଳ ଭାବରେ ଅଛି । ଏହି ହୃଦୟ ପରିପୂର୍ଣ୍ଣ ବିଶ୍ୱାସ ସହିତ, ପବିତ୍ରାତ୍ମା ସହିତ, ସମ୍ପୂର୍ଣ୍ଣ ଭାବରେ ବର୍ତ୍ତି ହେଇଅଛି । ଦେବଦୂତ ପ୍ରତି ସେକେଣ୍ଡ ଈଶ୍ୱରଙ୍କ ବାକ୍ୟକୁ ଏହି ହୃଦୟକୁ ଉପଦେଶ କରବ । ପ୍ରଲୋଭନଠାରେ ଜୟକୁ ଲାଭ କରୁଅଛି । ଆହୁରି ଶେଷ ପର୍ଯ୍ୟନ୍ତ ଦୃଢ଼ରେ ଜାଗ୍ରତ ଭାବରେ ରହିବା ପରି ଏହି ହୃଦୟକୁ ଆୟତ୍ତ କରୁଅଛି ।

ବିଶ୍ୱାସଯୁକ୍ତ, ଜୟ ଜୀବନ ଅନୁଭବ ପାଇଥିବା ହୃଦୟକୁ ଦିଆଯାଇଥିବା ପ୍ରତିଜ୍ଞା ଗୁଡ଼ିକ । ‘‘ଯେ ଜୟ କରେ, ତାହାକୁ ଆମ୍ଭେ ଈଶ୍ୱରଙ୍କ ରାଜ୍ୟରେ ଥିବା ଜୀବନ ବୃକ୍ଷର ଫଳ ଖାଇବାକୁ ହେବ’’ । ‘‘ଯେ ଜୟ କରେ, ସେ ଦ୍ୱିତୀୟ ମୃତ୍ୟୁ ଦ୍ୱାରା କୌଣସି ପ୍ରକାର କ୍ଷତିଗ୍ରସ୍ତ ହେବ ନାହିଁ’’ ଯେ ଜୟ କରେ, ତାହାକୁ ଆମ୍ଭେ ଗୁପ୍ତ ମାନ୍ନା ଦେବୁ, ପୁଣି, ଯେଉଁ ନାମ ଗ୍ରହଣକର୍ତ୍ତା ବିନା ଅନ୍ୟ କେହି ଜାଣେ ନାହିଁ (ଧଳା) ପ୍ରସ୍ତର ତାହାକୁ ଦେବୁ’’ । ଆମ୍ଭେ ଯେପରି ଆମ୍ଭର ପିତାଙ୍କଠାରୁ କ୍ଷମତାପ୍ରାପ୍ତ ହୋଇଅଛୁ, ତାହାକୁ ମଧ୍ୟ ସେହିପରି ସମସ୍ତ ଜାତି ଉପରେ କ୍ଷମତା ଦେବୁ, ପୁଣି ଆମ୍ଭେ ତାହାକୁ ପ୍ରଭାତୀ ତାରା ଦେବୁ । ଯେ ଜୟ କରେ, ସେ ଏହି ପ୍ରକାରେ ଶୁକ୍ଳ ବସ୍ତ୍ର ପରିହିତ ହେବ, ଆଉ ଆମ୍ଭେ ଜୀବନ ପୁସ୍ତକରୁ ତାହାର ନାମ କୌଣସି ପ୍ରକାର ଲୋପ ନ କରି ଆମ୍ଭର ପିତା ଓ ତାହାଙ୍କ ଦୂତମାନଙ୍କ ସମ୍ମୁଖରେ ତାହାର ନାମ ସ୍ୱୀକାର କରିବୁ । ‘‘ଯେ ଜୟ କରେ, ଆମ୍ଭେ ତାହାକୁ ଆମ୍ଭର ଈଶ୍ୱରଙ୍କ ମନ୍ଦିରର ସ୍ତମ୍ଭ ସ୍ୱରୂପ

କରିବୁ, ସେ ଆଉ ସେଠାରୁ ବାହାରକୁ ଯିବନାହିଁ, ଆମ୍ଭେ ଈଶ୍ୱରଙ୍କ ନାମ ଓ ସ୍ୱର୍ଗରୁ ତାହାଙ୍କ ଠାରୁ ଆଗତ ଯେଉଁ ଯିରୂଶାଲମ, ଆମ୍ଭର ଈଶ୍ୱରଙ୍କ ସେହି ନଗରୀର ନାମ ପୁଣି, ଆମ୍ଭ ନିଜର ନୂତନ ନାମ ତାହା ଉପରେ ଲେଖିବୁ । "ମୁଁ ଯେପରି ଜୟ କରି ମୋର ପିତାଙ୍କ ସହିତ ତାହାଙ୍କ ସିଂହାସନରେ ବସିଅଛି, ସେପରି ଯେ ଜୟ କରେ, ମୁଁ ତାହାକୁ ମୋ ସହିତ ମୋ ସିଂହାସନରେ ବସିବାକୁ ଦେବି" । (ପ୍ରକାଶିତ ୨:୭, ୧୧, ୧୭, ୨୬) (୩:୫, ୧୨, ୨୧)

ଖୋଲାଯାଇଥିବା ଟଙ୍କା ଝୋଲି ମଧ୍ୟ ସତ୍ୟକୁ ପ୍ରକାଶ କରୁଅଛି । ଏହି ବ୍ୟକ୍ତି ତାହାଙ୍କ ହୃଦୟ ମାତ୍ର ନୁହେଁ, ତାହାଙ୍କ ଧନ ମଧ୍ୟ ଈଶ୍ୱରଙ୍କୁ ସମର୍ପଣ କରିଅଛି । ତାହାଙ୍କ ଧନ ବ୍ୟର୍ଥ ହେଇଥିବା ଲୌକିକ ଆଶା ନିମନ୍ତେ ଖର୍ଚ୍ଚ ନକରି, ତାହାଙ୍କ ଉପାର୍ଜନ ସବୁରେ ଦଶମାଂଶ ପ୍ରଭୁଙ୍କୁ ସମର୍ପଣ କରୁ କରୁ, ଗରିବ ଲୋକଙ୍କୁ ଅଭାବରେ ସାହାଯ୍ୟ କରୁ କରୁ ତାହାଙ୍କ ଜୀବନକୁ ବିତାଉଅଛି । ଏହି ବ୍ୟକ୍ତିଙ୍କ ମହାନତାକୁ, ଧନକୁ, ସମସ୍ତକୁ ଈଶ୍ୱରଙ୍କୁ ସମର୍ପଣ କରି ପ୍ରତି କାର୍ଯ୍ୟକୁ ଈଶ୍ୱରଙ୍କୁ ମହିମା ହେବା ପରି ଜୀବନ କାଟିବ ।

ରୋଟି, ମାଛ ଏହି ବ୍ୟକ୍ତିଙ୍କ ଜୀବନ ଶୈଳୀକୁ ପ୍ରକାଶ କରୁଅଛି । ଏହି ବ୍ୟକ୍ତି ଅତି ପବିତ୍ର ହେଇଥିବା, ନମ୍ରତା ସହିତ ଜୀବନ ଯାପନ କରୁଅଛି । ଏହି ବ୍ୟକ୍ତି ଯେ କୌଣସି ଅଶୁଚି ଖାଦ୍ୟକୁ ମାନେ ଶ୍ୱାସରୋଧ ଦ୍ୱାରା ପ୍ରାଣୀର ମାଂସ, ରକ୍ତରେ ମିଶ୍ରିତ ପଦାର୍ଥ ନ ଖାଇବା ମଧ୍ୟ ଇତ୍ୟାଦି ନିଶା ପାନୀୟ ସେବନ ନ କରି, ତାହାଙ୍କ ଶରୀରକୁ ରକ୍ଷା କରି ରହୁଛି । ତାହାଙ୍କ ଶରୀର ହିଁ ଈଶ୍ୱରଙ୍କ ମନ୍ଦିର ବୋଲି ସେ ନିଜେ ଜାଣିବା ଦ୍ୱାରା, ଶରୀର ଅଳଙ୍କାର ନିମନ୍ତେ

ଧନ ସେ ଦୁରୁପଯୋଗ କରୁ ନଥିଲା । ମାନେ ମୂଲ୍ୟବାନ ବସ୍ତ୍ରକୁ ଇଚ୍ଛା ନକରି, ପରିପାଟୀ ପରିଚ୍ଛଦ ପିନ୍ଧି କରି, ସିଗାରେଟ, ବିଡ଼ି, ଇତ୍ୟାଦି ଅକର୍ମଣ୍ୟ ବସ୍ତୁ, ଆହାର ହୋଇ ନଥିବା ବସ୍ତୁକୁ ସେବନ ନକରି । ତାହାଙ୍କ ଦେହକୁ ରକ୍ଷା କରୁଥିଲା । ବହୁତ ନିଶା ପଦାର୍ଥକୁ ଆଡ଼େ ଆକର୍ଷିତ ନ ହୋଇ, ଶୁଚି ହେଉଥିବା, ଶରୀର ପୋଷନକୁ, ଆବଶ୍ୟକ, ଆହାର ମାତ୍ର ହିଁ ସେ ନେବ । ତାହାଙ୍କ ହୃଦୟ ହିଁ ଈଶ୍ୱରଙ୍କୁ ମନ୍ଦିର, ଏହା ପ୍ରାର୍ଥନା ଗୃହ ପରି ସେ କରିବ । ପାଣିପାଗ ପରିସ୍ଥିତି ଦ୍ୱାରା କିମ୍ଵା, ଅନ୍ୟ କାର୍ଯ୍ୟ ଦ୍ୱାରା, କିପରି ପ୍ରତିବନ୍ଧକ ଆସିଲେ ମଧ୍ୟ, ସେ ମଣ୍ଡଳୀ ଆରାଧନାକୁ ଠିକ୍ ଭାବରେ ଯାଉଥିବ, ତାହାଙ୍କ ଆତ୍ମାକୁ ଶକ୍ତିପୂର୍ଣ୍ଣ କରୁଥିବ । ଏହି ବ୍ୟକ୍ତି ପ୍ରାର୍ଥନାଶାଳୀ ହୋଇ ସବୁ ସମୟରେ ତାହାଙ୍କ ଜୀବନ ବିତାଇବ ମଣ୍ଡଳୀରେ, ଗୃହରେ, ଏକାନ୍ତ ଭାବରେ ସେ ପ୍ରାର୍ଥନା କରିବ । ପ୍ରାର୍ଥନାରେ ଥିବା ଶକ୍ତି ସେ ଭଲ ଭାବରେ ଅନୁଭୂତି ପାଇଥିବା ବ୍ୟକ୍ତି ହୋଇଅଛି । ପ୍ରାର୍ଥନା ଦ୍ୱାରା ହିଁ ସେ ପ୍ରଭୁଙ୍କୁ ନିକଟବର୍ତ୍ତୀ ହୋଇପାରିବ ବୋଲି ଈଶ୍ୱରଙ୍କ ସହିତ ଏକତା ସହବାସ ପ୍ରାପ୍ତ ହୋଇପାରିବ ବୋଲି ସେ ଭଲ ଭାବରେ ଜାଣିଅଛି । ଏହିପରି ପ୍ରାର୍ଥନା କରୁ କରୁ ଏହି ବ୍ୟକ୍ତି ଈଶ୍ୱରଙ୍କ ସହିତ ଅବିରତ ଭାବରେ ସହବାସ ପାଇ ବିଜୟ ପୂର୍ଣ୍ଣ ଖ୍ରୀଷ୍ଟୀୟ ଜୀବନ କାଟୁଅଛି ।

ଖୋଲା ଯାଇଥିବା ପୁସ୍ତକ ବାଇବଲ ଗ୍ରନ୍ଥ ହିଁ । ଏହି ବ୍ୟକ୍ତିକୁ ବାଇବଲ ବନ୍ଧ ହୋଇଯାଇଥିବା ଗ୍ରନ୍ଥ ଭାବରେ ନ ରହି, ଖୋଲା ଯାଇଥିବା ଗ୍ରନ୍ଥ ଭାବରେ ଅଛି । ଏ ପ୍ରତିଦିନ ପବିତ୍ର ଗ୍ରନ୍ଥକୁ ପାଠ କରୁଥିବ । ତାହା ଦ୍ୱାରା ସେ ଅବିରତ ଜ୍ଞାନ, ବଳ ପାଇବ । ବାଇବଲ

ହିଁ ଏହି ବ୍ୟକ୍ତିର ପାଦକୁ ପ୍ରଦୀପ, ପଥକୁ ଆଲୁଅ ଅଟେ । ତହିଁରେ ଦିବ୍ୟ ବାକ୍ୟ ହିଁ ତାହାଙ୍କ ଜୀବନ ପଥ । ଏଥିରେ ପଦ ହିଁ, ଏହାଙ୍କର ସମ୍ପତ୍ତି, ଭବିଷ୍ୟତ ହେଇଅଛି । ଶତ୍ରୁକୁ ଜୟ କରିବାକୁ ଏହି ବାକ୍ୟ ହିଁ ଏହାଙ୍କୁ ଆଲୋକ ଭାବରେ, ଆତ୍ମା ଖଡ୍ଗ ଭାବରେ ଅଛି । ଏହାଙ୍କ ଆତ୍ମାକୁ ପ୍ରତିଦିନ ଆହାର ପବିତ୍ର ଗ୍ରନ୍ଥ ହିଁ ! ଆତ୍ମିକ ତୃଷ୍ଣାକୁ ପୂର୍ଣ୍ଣ କରି ପାରିବା ସେ ତାହାଙ୍କୁ ନିଜକୁ ଶୁଚି କରିବାକୁ ଆବଶ୍ୟକ ପବିତ୍ର ଜୀବନ ଜଳ ଏହି ଦିବ୍ୟ ପଦ ହିଁ । ସେ ନିଜକୁ ଦେଖୁ ଦେଖୁ, ସତର୍କରେ ଜୀବନ କାଟିବାକୁ ଏହି ଗ୍ରନ୍ଥ ଏହାଙ୍କୁ ଠିଆ କରାଯାଇଥିବା ଦର୍ପଣ ପରି ସାହାର୍ଯ କରୁଅଛି । ଏହି ପ୍ରକାର ଏହି ବ୍ୟକ୍ତି ଜୀବନ ଗ୍ରନ୍ଥ ହେଇଥିବା ବାଇବଲକୁ ତାହାଙ୍କ ଜୀବନକୁ ମାର୍ଗଦର୍ଶକ ଭାବରେ ରଖିକରି ଜୀବନ ଯାପନ କରୁଅଛି । ଅନେକ ଲୋକଙ୍କ ପରି ଏହି ବ୍ୟକ୍ତି ମଧ୍ୟ ବାଇବଲକୁ ଯେଉଁ କୋଣରେ ବନ୍ଦକରି ରଖିବା ସ୍ଥିତିରେ ନାହିଁ । ଦିବାରାତ୍ର ଏହି ଗ୍ରନ୍ଥକୁ ଧ୍ୟାନ କରୁଥିବ ।

ସେତିକି ମାତ୍ର ନୁହେଁ ଏହି ବ୍ୟକ୍ତି କ୍ରୁଶକୁ ପ୍ରେମ ପୂର୍ବକ ଭାବରେ ଇଚ୍ଛା ପୂର୍ବକ ଭାବରେ ବହନ କରୁ କରୁ କ୍ରୁଶ ଠାରେ, କ୍ଲେଶଠାରେ ଆନନ୍ଦ କରିବା ବ୍ୟକ୍ତି ଭାବରେ ଅଛି । କ୍ରୁଶକୁ ନ ବୋହିଲେ ଜୀବନ ମୁକୁଟ ବିଲକୁଲ ପାଇବ ନାହିଁ ବୋଲି ଏହାକୁ ଜଣା ପଡ଼ିବ । ଏହି ବ୍ୟକ୍ତି ଖ୍ରୀଷ୍ଟଙ୍କ ସହିତ ଉଠାଯାଇଥିବା ଅନୁଭବ ପାଇଁ, ନୂତନ ଜୀବନକୁ ପାଇ, ପାର୍ଥିବ ବିଷୟରେ ଆସକ୍ତ ନ ହୋଇ ଉର୍ଦ୍ଧ୍ୱସ୍ଥାନ ବିଷୟରେ ଆସକ୍ତ ରଖିବା ବ୍ୟକ୍ତି ଭାବରେ ଅଛି । ଉର୍ଦ୍ଧ୍ୱସ୍ଥାନ ସମ୍ବନ୍ଧୀୟ, ଅକ୍ଷୟ ହେଉଥିବା ଅଚିରଣନ୍ତର ହେଇଥିବା ବିଷୟ ଉପରେ ଲକ୍ଷ୍ୟ ରଖି କ୍ଷୟ ହେଉଥିବା ଜଗତକୁ ତାହାର

ଆଶାକୁ ବିସର୍ଜନ କରିଥିବା ବ୍ୟକ୍ତି ଭାବରେ ଅଛି । ସେ ପରିପୂର୍ଣ୍ଣ ବିଶ୍ୱାସରେ, ଅଦୃଶ୍ୟ ହେଇଥିବା ଈଶ୍ୱରଙ୍କ ପ୍ରତିଜ୍ଞା ଗୁଡ଼ିକକୁ ସ୍ୱର୍ଗୀୟ ଭାଗ୍ୟକୁ, ଆସୁଥିବା ଈଶ୍ୱରଙ୍କ ରାଜ୍ୟକୁ, ସେ ଖୋଜୁଛି । ଯେଉଁ ବୃକ୍ଷ ଜଳସ୍ରୋତ ନିକଟରେ ରୋପିତ ସେହିପରି ଏହି ବ୍ୟକ୍ତି ଖ୍ରୀଷ୍ଟୀୟ ଜୀବନରେ ବଢ଼ୁ ବଢ଼ୁ, ସ୍ୱସମୟରେ ଫଳ ଉତ୍ପନ୍ନ କରୁ କରୁ, ଶୀଘ୍ର ହିଁ ଈଶ୍ୱରଙ୍କ ମହିମାପୂର୍ଣ୍ଣ ଆଲିଙ୍ଗନ ଭିତରକୁ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଅଛି । ସ୍ୱସମୟରେ ଫଳ ଉତ୍ପନ୍ନ କରିବା ବୃକ୍ଷ ପରି, ପ୍ରକୃତ ଦ୍ରାକ୍ଷାଲତା ହେଉଥିବା ଖ୍ରୀଷ୍ଟଙ୍କର ପ୍ରକୃତର ଶାଖା ଭାବରେ ସମୃଦ୍ଧି ହେଇଥିବା ଫଳ ଦେଇଥିବା ଶାଖା ପରି ଏହି ବ୍ୟକ୍ତି ଜୀବନ କାଟୁଅଛି । ଏହି ବ୍ୟକ୍ତି ପରିପୂର୍ଣ୍ଣ ହେଇଥିବା ଈଶ୍ୱରଙ୍କ ପ୍ରେମରେ ପୂର୍ଣ୍ଣିତ ହେଇଥିବାରୁ ମରଣ ଭୟ ଜାରି ନଥିବା ସ୍ଥିତିରେ ଅଛି । କାଳେ ସେ ମୃତ୍ୟୁ ବରଣ କରିଥିଲେ ମଧ୍ୟ, ଆନନ୍ଦମୟ ରାଜ୍ୟରେ ଯୁଗେ ଯୁଗେ ଜୀବନ ଅଛି । ଏହିପରି ବିଜୟ ଜୀବନ ଯାପନ କରିବାକୁ ଏହି ବ୍ୟକ୍ତିଙ୍କ ହୃଦୟରେ ବର୍ତ୍ତି ହେଇଥିବା ପବିତ୍ରତ୍ମା ଶକ୍ତି ହିଁ କାରଣ ହେଇଅଛି । ଏହି ଆତ୍ମାଙ୍କ ନିୟମ ଦ୍ୱାରା ଏ ତାହାଙ୍କ ଖ୍ରୀଷ୍ଟୀୟ ବିଶ୍ୱାସ ଜୀବନକୁ ଚଳାଉଅଛି ।

# ଦଶମ ଚିତ୍ର

# THE TENTH PICTURE

ଯୀଶୁ ଏହିପରି କହିଲେ । ମୁଁ ପୁନରୁତ୍ଥାନ ଓ ଜୀବନ, ଯେ ମୋ' ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ, ପୁଣି, ଯେ କେହି ବଞ୍ଚେ ଓ ମୋ' ଠାରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ, (ଯୋହନ ୧୧:୨୫, ୨୬) ଯେ ମୋହର

ବାକ୍ୟ ଶୁଣି ମୋହର ପ୍ରେରଣକର୍ତ୍ତାଙ୍କ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି, ପୁଣି, ସେ ବିଚାରିତ ନ ହୋଇ ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଅଛି । ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି । (ଯୋହନ ୫:୨୪) ଭକ୍ତ ପାଉଲ ଏହିପରି କହୁଅଛି । କିନ୍ତୁ ଏହି କ୍ଷୟ ଶରୀର ଅକ୍ଷୟରୂପ ବସ୍ତ୍ର ଓ ଏହି ମର୍ତ୍ତ୍ୟ ଶରୀରକ ଅମରତାରୂପ ବସ୍ତ୍ର ପରିଧାନ କଲା ଉତ୍ତାରେ ଏହି ଲିଖିତ ବାକ୍ୟ ସଫଳ ହେବ, ଜୟ ମୃତ୍ୟୁକୁ ଗ୍ରାସ କରିଅଛି ।'' ରେ ମୃତ୍ୟୁ, କାହିଁ ତୋରେ ଜୟ ? ରେ ମୃତ୍ୟୁ, କାହିଁ ତୋର ନାହୁଡ଼ ? ମୃତ୍ୟୁର ନାହୁଡ଼ ପାପ, ଆଉ ପାପର ବଳ ମୋଶାଙ୍କ ବ୍ୟବସ୍ଥା, କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ ।

ଈଶ୍ୱରଙ୍କ ସହିତ ଚାଲୁଥିବା ବ୍ୟକ୍ତି, ତାହାଙ୍କଠାରେ ଜୀବନ ଯାପନ କରୁଥିବା ବ୍ୟକ୍ତି କେବେ ହିଁ ମୃତ୍ୟୁ ବିଷୟରେ ଭୟ କରିବ ନାହିଁ । ମୃତ୍ୟୁ ଭୟ ତାହାଙ୍କୁ ବିଲକୁଲ ରହିବ ନାହିଁ । କାହିଁକି ମାନେ ସେ ମୃତ୍ୟୁ ହେବା ବେଳ ଆସିଲା ବେଳେ ମହାଆନନ୍ଦରେ ସର୍ବୋପରିସ୍ଥ ହେଇଥିବା ଈଶ୍ୱରଙ୍କ ଉପସ୍ଥିତିକୁ ପହଞ୍ଚିବାକୁ ଆଶା କରେ । ସ୍ୱର୍ଗ ରାଜ୍ୟରେ ଯୁଗେ ଯୁଗେ ଈଶ୍ୱରଙ୍କ ଇପସ୍ଥିତିରେ ବିତିବା ସୁଯୋଗ ଆସିଥିବାରୁ ସେ କେତେ ଆନନ୍ଦ କରିବ । ମୁଁ ଇହଲୋକରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ମୋହର ଇଚ୍ଛା, (ପିଲିପ୍ପୀ ୧:୨୩) ବୋଲି ପାଉଲ ଭକ୍ତଙ୍କ ପରି ସାହାସରେ କହିଲେ ।

ଉତ୍ତମ ଖ୍ରୀଷ୍ଟିୟାନ ତାହାଙ୍କୁ ନିଜେ ରକ୍ଷାକରି, ତାହାଙ୍କ ନିମନ୍ତେ ହିଁ କ୍ରୁଶରେ ପ୍ରାଣ ଅର୍ପଣ କରିଥିବା ପ୍ରଭୁ ଯୀଶୁଙ୍କ ମୁହଁକୁ କେବେ ମୁଁ ଦେଖିବି ବୋଲି ଦିନ ଦିନ କ୍ଷଣ କ୍ଷଣ ଅପେକ୍ଷା କରୁଥିବା

ତାହାଙ୍କଠାରେ ଥିବା ପ୍ରବିତ୍ରାତ୍ମା ମଧ୍ୟ ପ୍ରଭୁ ଯୀଶୁ କହିଥିବା ଏହି କଥା ସବୁ ମନ ପକାଇବ । ତୁମ୍ଭମାନଙ୍କ ହୃଦୟ ଉଦ୍ୱିଗ୍ନ ନ ହେଉ, ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋ'ଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି, ଯଦି ନ ଥାଆନ୍ତା, ତାହା ହେଲେ ମୁଁ ତୁମ୍ଭମାନଙ୍କୁ କହିଥାଆନ୍ତି ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି, ପୁଣି, ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି । (ଯୋହନ ୧୪:୨) ଚକ୍ଷୁ ଯାହା ଦେଖିନାହିଁ, କର୍ଣ୍ଣ ଯାହା ଶୁଣିନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇ ନାହିଁ ଯେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି । (୧ କରିନ୍ଥୀୟା ୨:୯) ଏହା ଲୋକରେ ପ୍ରଭୁ ଯୀଶୁଙ୍କ ପାଦଗତିରେ ଜୀବନ ଯାପନ କରୁଥିବାମାନଙ୍କ ନିମନ୍ତେ ସ୍ୱର୍ଗ ରାଜ୍ୟରେ ପ୍ରସ୍ତୁତ କରାଯାଇଥିବା ଉତ୍କୃଷ୍ଟ ହେଇଥିବା ସ୍ଥାନ ପାଇଁ ବର୍ଣ୍ଣନା କରିବାକୁ ଠିକ ଭାଷା, କିମ୍ବା କଥା ଏହି ଜଗତରେ ଆମେ ପାଇପାରିବା ନାହିଁ । ପ୍ରଭୁ ତାହାଙ୍କ ପ୍ରିୟ ସନ୍ତାନ ନିମନ୍ତେ ପ୍ରସ୍ତୁତ କରିଥିବା ସ୍ୱର୍ଗୀୟ ଭାଗ୍ୟ କଳ୍ପନା କରିଥିବା ବିଷୟ, କହିପାରୁ ନଥିବା ବିଷୟ ଅଟେ । କୌଣସି ମନୁଷ୍ୟ ତାହାକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରି କହିଲା ନାହିଁ । ଜଗତର ସମସ୍ତ ଭୋଗଭାଗ୍ୟ ସ୍ୱର୍ଗୀୟ ଭାଗ୍ୟ ସହିତ ତୁଳନା କରିପାରିବ ନାହିଁ ।

ଏହି ବିଚିତ୍ର ଈଶ୍ୱରଙ୍କ ଦାସଙ୍କୁ ଇହଲୋକ ଯାତ୍ରା ସମାପ୍ତ ହେଲା । ନବମ ଚିତ୍ରରେ ପାପୀକୁ ମୃତ୍ୟୁ ସନ୍ନିକଟ ହେଲା ବେଳେ, ସେହି ଭୟଙ୍କର ଥିଲାପରି ଆମେ ଦେଖିଥିଲୁ ।




# ୧୦. ମହିମା ଗୃହକୁ ଚାଲିଯିବା
# The Glorious Home Going

ହେଲେ ଏହି ଚିତ୍ରରେ କଙ୍କାଳ ମାତ୍ର ଭୟଙ୍କର ସ୍ଥିତି ଦେଖାଯାଉନାହିଁ । ଈଶ୍ୱରଙ୍କ ଦୂତ ଏହି ବ୍ୟକ୍ତିର ଆତ୍ମାକୁ ଈଶ୍ୱରଙ୍କ ଉପସ୍ଥିତିକୁ ମହିମା ପୂର୍ଣ୍ଣ ରାଜ୍ୟକୁ ଘେନି ଯିବାକୁ ପ୍ରସ୍ତୁତ ହେଇଅଛି । ମରଣ ବୋଲି ବିଷୟ ପାପୀ ହେଇଥିବା ମନୁଷ୍ୟକୁ ବହୁ ଭୟଙ୍କର

Bible Mission HQ Guntur

ଭାବରେ, ଈଶ୍ୱରଙ୍କଠାରେ ଜୀବନ ଯାପନ କରିବା ମାନଙ୍କୁ ବହୁ ଆନନ୍ଦମୟ ଭାବରେ ଜାତ ହେବା ଆଲୋଚନା କରିବା ବିଷୟ ଅଟେ । କ୍ଷୟ ହେଇଥିବା ଏହି ବ୍ୟକ୍ତିଙ୍କ ଶରୀରରୁ ଆତ୍ମା, ଏବଂ ପ୍ରାଣ ଅଲଗା ହୋଇଅଛି । ଏହି ବ୍ୟକ୍ତିଙ୍କ ଆତ୍ମା ଜୀବିତ ପରମେଶ୍ୱର ନିକଟକୁ ଉଡ଼ି ଯାଉଅଛି । ଏହି ଆତ୍ମା ନିମନ୍ତେ ସ୍ୱର୍ଗଦ୍ୱାର ଖୋଲା ଯାଇଅଛି । ପୂର୍ଣ୍ଣ ଅନ୍ତଃକରଣ ସହିତ, ପୂର୍ଣ୍ଣ ଆତ୍ମା ସହିତ, ପୂର୍ଣ୍ଣ ଶକ୍ତି ସହିତ ପ୍ରେମ କରିଥିବା ପ୍ରେମମୟ ପ୍ରଭୁଙ୍କ ବକ୍ଷ ସ୍ଥଳରେ ଆଉଜି ପଡ଼ିବାକୁ ତାହାଙ୍କ ଆତ୍ମା ସ୍ୱର୍ଗକୁ ଯାଉଅଛି । ତାହାଙ୍କୁ ଆନନ୍ଦମୟ ଆହ୍ୱାନ । ସେ ପ୍ରଭୁଙ୍କ ରାଜ୍ୟ ଦିଆଯାଇଛି । ‘‘ତାହାର ପ୍ରଭୁ ତାହାକୁ କହିଲେ, ବେଶ, ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ’’ (ମାଥିଉ ୨୫:୨୧) ଆଉ ଏହି ବ୍ୟକ୍ତି ଉପରେ ଶୟତାନକୁ ବିଲକୁଲ ଅଧିକାର ନାହିଁ । ସଦାପ୍ରଭୁଙ୍କ ଦୃଷ୍ଟିରେ ତାହାଙ୍କ ସହ ଭକ୍ତମାନଙ୍କ ମରଣ ବହୁମୂଲ୍ୟ ଅଟେ । (ଗୀତସଂହିତା ୧୧୯:୧୫) ପୁଣି ମୁଁ ସ୍ୱର୍ଗରୁ ଏହି ବାଣୀ ଶୁଣିହେବ । ଲେଖ, ଯେଉଁମାନେ ଏଣିକି ପ୍ରଭୁଙ୍କଠାରେ ଥାଇ ମରନ୍ତି, ସେମାନେ ଧନ୍ୟ, ହଁ ଆତ୍ମା କହୁଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ, କାରଣ ସେମାନଙ୍କର କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ ।

# ଶେଷ ଭର୍ତ୍ସନା
# Last Adominition

ପ୍ରିୟ ପାଠକ ! ତୁମ୍ଭ ହୃଦୟକୁ ତମ୍ଭକୁ ବହୁତ ପ୍ରେମ କରି ନିତ୍ୟ ଜୀବନ ଦେବା ପାଇଁ ଚିନ୍ତା କରିବା ଈଶ୍ୱରଙ୍କୁ ଅଙ୍କିତ କରିବା ପରି, ସେ ହିଁ ତୁମ୍ଭକୁ ଆବଶ୍ୟକ ହେଉଥିବା ସାହାର୍ଯ୍ୟ କରନ୍ତୁ ! ସେ ତୁମ୍ଭକୁ ଏହିପରି ପଚାରୁଛି । ‘‘ହେ ମୋହର ପୁତ୍ର, ମୋହର କନ୍ୟା ତୁମ୍ଭ ହୃଦୟ ମୋତେ ଦିଅ । (ହିତୋପଦେଶ ୨୩:୨୬) ତାହାଙ୍କ ଦୟାପୂର୍ଣ୍ଣ ଡ଼ାକରାକୁ ସ୍ୱୀକାର କରି, ତୁମ୍ଭ ହୃଦୟ ତାହାଙ୍କୁ ସମର୍ପଣ କଲେ ତୁମ୍ଭକୁ ମଙ୍ଗଳ ହେବ । ତୁମ୍ଭ ଭାରାକ୍ରାନ୍ତ ହୃଦୟକୁ, ଦୁଃଖପୂର୍ଣ୍ଣ ହୃଦୟକୁ ନିରୁତ୍ସାହ ପୂର୍ଣ୍ଣ ହୃଦୟକୁ ପ୍ରଭୁ ଯୀଶୁଙ୍କୁ ସମର୍ପଣ କର । ସେ ତୁମ୍ଭକୁ ନୂତନ ହୃଦୟ ନୂତନ ଶକ୍ତି ପ୍ରଦାନ କରିବ । ତୁମ୍ଭର ମଇଳା ପୂର୍ଣ୍ଣ ହୃଦୟକୁ, କ୍ଳେଶରେ ପୂର୍ଣ୍ଣିତ ହୃଦୟକୁ ସେ ଭଲ କରିବ । ପ୍ରବଞ୍ଚନାଜନକ ହୃଦୟକୁ ତୁମ୍ଭେ ବିଶ୍ୱାସ କରନାହିଁ । ତୁମ୍ଭ ହୃଦୟ ତୁମ୍ଭକୁ ହିଁ ପବ୍ରଞ୍ଚନା କରେ । ତୁମ୍ଭ ହୃଦୟର ଇଚ୍ଛା ସଫଳ କରିବାକୁ ଉଦ୍‌ବେଗ ହେବନାହିଁ । ତାହା ତୁମ୍ଭକୁ ନିତ୍ୟ ନର୍କକୁ ଚଳାଏ । ଈଶ୍ୱରଙ୍କୁ ସମର୍ପଣ କରିବା ପୂର୍ବରେ, ଈଶ୍ୱରଙ୍କ ଆତ୍ମା ଦ୍ୱାରା ପୂର୍ଣ୍ଣିତ ହେବା ପୂର୍ବରେ, ହୃଦୟ କେତେ ଭୟଙ୍କର ଭାବରେ ରହିବ । ଯେ ଆପଣା ଅନ୍ତଃକରଣରେ ନିର୍ଭର ରଖେ, ସେ ମୂର୍ଖ (ହିତୋପଦେଶ ୨୮:୨୬) ବୋଲି ଭକ୍ତ ଲେଖୁଅଛି । ତେଣୁ ବନ୍ଧୁ ! ଏବେ ହିଁ ତୁମ୍ଭର ପାପ ସବୁ ପରିତ୍ୟାଗ କରି, ଧାର୍ମିକ ପଥରେ ଗମନ କର । ସେଥି ନିମନ୍ତେ ଈଶ୍ୱରଙ୍କ ସାହାର୍ଯ୍ୟ ତୁମ୍ଭକୁ ଅଛି ।

ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ତୁମ୍ଭ ମନକୁ ପରିବର୍ତ୍ତନ କରି, ତୁମ୍ଭ ପାପ ସବୁ କ୍ଷମା କରି, ତୁମ୍ଭକୁ ନିତ୍ୟ ଜୀବନ ଦେବା ପାଇଁ ଇଚ୍ଛା କରୁଅଛି । କିନ୍ତୁ ଏବେ ପାପର ଅଧୀନତାରୁ ମୁକ୍ତ ହୋଇ ଈଶ୍ୱରଙ୍କୁ ଦାସ ହେବାରୁ ତୁମ୍ଭେମାନେ ପବିତ୍ରତା ଉଦ୍ଦେଶ୍ୟରେ ଫଳ ପାଉଅଛ, ଆଉ ଏଥିର ପରିଣାମ ଅନନ୍ତ ଜୀବନ । କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗୀତାରେ ଅନନ୍ତ ଜୀବନ ଅଟେ । (ରୋମିୟ ୬:୨୩)

ତୁମ୍ଭେ ନିଜକୁ ନିଜେ ପ୍ରଭୁଙ୍କ ସମର୍ପଣ କରି ପରିତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ଦିବ୍ୟ ଉପଦେଶ ଦ୍ୱାରା ସଦାବେଳେ ଚେତାବନୀ କରାଯାଇ, ବିଶ୍ୱାସ ଓ ପ୍ରେମ ପରିଧାନ କର । ପ୍ରଭୁ ଯୀଶୁଙ୍କ ସାନ୍ତ୍ୟନା ପଦ ହିଁ ତୁମ୍ଭକୁ ସଦାବେଳେ ସାହାର୍ଯ୍ୟ କରିପାରିବ । ଭକ୍ତ ପାଉଲ ଏହିପରି କହୁଅଛି । ଏହି କାରଣରୁ ମଧ୍ୟ ମୁଁ ଏହି ସବୁ ଦୁଃଖଭୋଗ କରୁଅଛି, ତଥାପି ମୁଁ ଲଜ୍ଜିତ ନୁହେଁ, କାରଣ ମୁଁ ଯାହାଙ୍କ ଠାରେ ବିଶ୍ୱାସ କରିଅଛି, ତାହାଙ୍କୁ ଜାଣେ, ପୁଣି, ମୁଁ ତାହାଙ୍କୁ ହାତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ (ବିଚାର ଦିନ) ପର୍ଯ୍ୟନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ ରୂପେ ବିଶ୍ୱାସ କରୁଅଛି । (୨ ତୀମଥି ୧:୧୨) ପ୍ରଭୁ ଯୀଶୁଙ୍କ ଉପସ୍ଥିତିରେ ଆମ୍ଭେମାନେ ଦୁଃଖଭୋଗକୁ ନିନ୍ଦାକୁ ଭୟ କରିପାରିବ ନାହିଁ । ଶେଷ ପର୍ଯ୍ୟନ୍ତ ତାହାଙ୍କ ଉପସ୍ଥିତିରେ ବିଶ୍ୱସ୍ତ ଭାବରେ ରହିପାରିଲେ । ଅନ୍ତ ପର୍ଯ୍ୟନ୍ତ ସେ ଆମ୍ଭମାନଙ୍କୁ ରକ୍ଷାକରିବ । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ପ୍ରେମରେ ହୋଇଚାଲିବା । ବିଶ୍ୱାସରେ

ସର୍ବଦା ତୁମ୍ଭେ ଶକ୍ତି ପ୍ରାପ୍ତ ହୋଇ ପବିତ୍ରାତ୍ମା ଉପସ୍ଥିତିରେ ଜାଗ୍ରତ ହୋଇ ପ୍ରାର୍ଥନା କରୁ କରୁ ଈଶ୍ୱରଙ୍କ ପ୍ରେମରୁ ପୃଥକ ନ ରହି ଆଗକୁ ଯାଉ । ପଥ, ସତ୍ୟ, ଜୀବନ ହେଇଥିବା ପ୍ରଭୁ ଯୀଶୁଙ୍କ ପ୍ରତି ଦେଖି, ତାହାଙ୍କ ସୁନ୍ଦର ପଥରେ ଚଲାଅ । ସେ ରାଜାମାନଙ୍କ ରାଜା ପ୍ରଭୁ ମାନଙ୍କର ପ୍ରଭୁ ଅଟନ୍ତି, ତାହାଙ୍କ ପାଇଁ ଜୀବନ କାଟୁଥିବା ତାହାଙ୍କ ଲୋକମାନଙ୍କୁ ତାହାଙ୍କ ମହିମା ରାଜ୍ୟକୁ ଘେନିଯିବାକୁ ଶୀଘ୍ର ଆସୁଛନ୍ତି । ତାହାଙ୍କ ଆଗମନ ପାଇଁ ନିତ୍ୟ ପ୍ରତ୍ୟାଶା ପାଇରହିବ । ପ୍ରାର୍ଥନାରେ, ବିଶ୍ୱାସରେ, ତାହାଙ୍କ ଦିବ୍ୟ ପଦକୁ ଧ୍ୟାନ କରିବାରେ ସର୍ବଦା ଜାଗ୍ରତ ହୋଇ ରହିବୁ । ସେ ତମ୍ଭକୁ ଚଳାଇବା ପରି ତୁମ୍ଭ ପୂର୍ଣ୍ଣ ହୃଦୟ ତାହାଙ୍କୁ ସମର୍ପଣ କର । ଯେ ତୁମ୍ଭମାନଙ୍କୁ ଝୁଣ୍ଟିବାରୁ ରକ୍ଷା କରିବାକୁ ପୁଣି, ଆପଣା ଗୌରବ ସମ୍ମୁଖରେ ମହାନନ୍ଦରେ ନିର୍ଦ୍ଦୋଷ ରୂପେ ଉପସ୍ଥିତ କରିବାକୁ ସକ୍ଷମ, ଯେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏକମାତ୍ର ଈଶ୍ୱର, ଗୌରବ, ପ୍ରତାପ, ପରାକ୍ରମ ଓ କର୍ତ୍ତାପଣ ଅନାଦିକାଳ, ବର୍ତ୍ତମାନ ଓ ଯୁଗେ ଯୁଗେ ତାହାଙ୍କର । ଆମେନ୍ । (ଯିହୁଦା ୨୪, ୨୫)